ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ 25

PARYABEKHYAK

ପର୍ଯ୍ୟବେକ୍ଷକ

Vol.26 . No.212 Bhubaneswar Saturday September 30 2023 | ୨୬ତମ ବର୍ଷ ସଂଖ୍ୟା–୨୧୨ ଭୁବନେଶ୍ୱର, ଶନିବାର, ସେପ୍ଟେମ୍ବର ୩୦, ୨୦୨୩ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) Member-INS

## ୨୦୨୯ରୁ ଏକକ ନିର୍ବାଚନ ! ଫର୍ମୁଲା ଉପରେ କାମ କରୁଛନ୍ତି ଆଇନ କମିଶନ



ଭୁବନେଶ୍ୱର,୨୯।୯(ପି.ଏନ): ଆସନ୍ତା ୨୦୨୯ରୁ ସାଧାରଣ ନିର୍ବାଚନ ସହ ସବୁ ରାଜ୍ୟରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଏଥିପାଇଁ ବିଭିନ୍ନ ରାଜ୍ୟରେ ବିଧାନସଭା କାର୍ଯ୍ୟକାଳକୁ ବୃଦ୍ଧି ଓ ହ୍ରାସ କରିବା ଫର୍ମୁଲା ଉପରେ ଆଇନ କମିଶନ କାର୍ଯ୍ୟ କରୁଛନ୍ତି। ଏହାଦ୍ୱାରା ୨୦୨୯ ଲୋକସଭା ନିର୍ବାଚନ ସହ ରାଜ୍ୟଗୁଡିକ ବିଧାନସଭା ନିର୍ବାଚନ ମଧ୍ୟ ଏକାଠି ହୋଇ ପାରିବ। ତେବେ କେମିତି ଏହାକୁ କାର୍ଯ୍ୟକାରୀ କରାଯିବ, ତା' ଉପରେ ଆଇନ କମିଶନ କାମ କରୁଥିବା ବିଶେଷ ସୂତ୍ରରୁ ଜଣାପଡିଛି।

### ବିଜେପି ଓ କଂଗେସ ଦଳ ଛାଡି ବିଜେଡିରେ ମିଶିଲେ ୨୦୦ କର୍ମୀ

ଭୁବନେଶ୍ୱର,୨୯।୯(ପି.ଏନ): ଅଧିକ ଶସକ୍ତ ହେଉଛି ବିଜେଡ । ଅନ୍ୟ ଦଳ ଛାଡି ବିଜେଡିରେ ସାମିଲ ହେଉଛନ୍ତି ବରିଷ୍ଠ ନେତା ଓ କର୍ମୀ । ଆଜି ବିଜେପି ଓ କଂଗେସ ଦଳ ଛାଡି ବିଜେଡିରେ ମିଶିଛନ୍ତି ଦୁଇ ଶହ କର୍ମୀ । ଭୁବନେଶ୍ୱର ମଧ୍ୟ ନିର୍ବାଚନ ମଣ୍ଡଳୀର ଓ୍ୱାର୍ଡ ନମ୍ବର ୪୦ରୁ ଦୁଇଶହ ବିଜେପି ଓ କଂଗ୍ରେସ କର୍ମୀ ବିଧିବଦ୍ଧ ଭାବେ ବିଜେଡିରେ ସାମିଲ ହୋଇଛନ୍ତି । ପୂର୍ବତନ ବିଜେପି ମହିଳା ମୋର୍ଚ୍ଚା ସମ୍ପାଦିକା ପାୟଲ ପଲ୍ଲବୀ ଦାଶ ଓ ପୂର୍ବତନ ଯୁବ ବିଜେପି ମୋର୍ଚ୍ଚା ଉପ ସଭାପତି ଅଭିଳାସ ଦାଶ ବିଜେଡିରେ ସାମିଲ ହୋଇଛନ୍ତି । ମୁଖ୍ୟ ମନ୍ତ୍ରୀ ନବୀନ ପଟନାୟକଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେଡିରେ ସାମିଲ ହୋଇଥିବା କହିଛନ୍ତି ସମସ୍ତ କର୍ମୀ । ଭୁବନେଶ୍ୱର ମଧ୍ୟ ନିର୍ବାଚନ ମଣ୍ଡଳୀ ଓ୍ୱାର୍ଡ ନମ୍ବର ୪୦ର କର୍ପୋରେଟର ଆସିୟା ବେଗମଙ୍କ ନେତୃତ୍ୱରେ ଆୟୋଜିତ ମିଶ୍ରଣ ପର୍ବ ଓ ଯୁବ ଛାତ୍ର ବିଜେଡିର ବନ୍ଧୁମିଳନ କାର୍ଯ୍ୟକ୍ରମରେ ବିଧାୟକ ଅନନ୍ତ ନାରାୟଣ ଜେନା ଉପସ୍ଥିତ ରହିଥିଲେ । କାର୍ଯ୍ୟକ୍ରମକୁ ବିଜେଡି ନେତା ଫିରୋଜ ଖାଁ ପରିଚାଳନା କରିଥିଲେ ।

### ଆମେରିକା ବୈଦେଶିକ ମନ୍ତ୍ରୀଙ୍କୁ ଭେଟିଲେ ଏସ.ଜୟଶଙ୍କର

ଓ୍ୱାଶିଂଟନ, ୨୯।୯(ପି.ଏନ): ଭାରତର ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ.ଜୟଶଙ୍କର ୯ଦିନିକିଆ ଆମେରିକା ଗସ୍ତରେ ଅଛନ୍ତି। ଏହି ଗସ୍ତର ଶେଷ ପର୍ଯ୍ୟାୟରେ ସେ ଆମେରିକା ବୈଦେଶିକ ମନ୍ତ୍ରୀ ଆଣ୍ଟୋନୀ ବ୍ଲିଙ୍କନଙ୍କୁ ସାକ୍ଷାତ କରିଛନ୍ତି। ଜୟଶଙ୍କର ସେପ୍ଟମ୍ବର ୨୨ରେ ନ୍ୟୁୟର୍କରେ ପହଞ୍ଚିଥିଲେ । ସେ ସେଠାରେ ସେପ୍ଟମ୍ବର ୩୦ ପର୍ଯ୍ୟନ୍ତ ରହିବେ ।ସୋସିଆଲ ମିଡିଆ ଏକ୍ସରେ ଜୟଶଙ୍କର ଲେଖିଛନ୍ତି ଯେ- ଆଜି ମୋର ବନ୍ଧୁ ଆମେରିକା ବୈଦେଶିକ ମନ୍ତ୍ରୀ ଆଣ୍ଟୋନୀ ବ୍ଲିଙ୍କନଙ୍କୁ ଭେଟି ବହୁତ ଭଲ ଲାଗିଲା । ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜୁନ ଯାତ୍ରାକୁ ନେଇ ଆମ ମଧ୍ୟରେ ବ୍ୟାପକ ଆଲୋଚନା ହୋଇଛି । ଏହାସହିତ ବୈଶ୍ୱିକ ବିକାଶ ଦିଗରେ ମଧ୍ୟ ଚର୍ଚ୍ଚା ହୋଇଛି ।କଂଗ୍ରେସ ସଦସ୍ୟ, ପ୍ରଶାସନ, ବ୍ୟାପାର ଏବଂ ଥିଙ୍କ ଟ୍ୟାଙ୍କ ପ୍ରମୁଖଙ୍କ ସହ ମଧ୍ୟ ଆଲୋଚନା ହୋଇଛି । ନିୟମିତ ଭାବରେ ଆମ ମଧ୍ୟରେ ଆଲୋଚନା ଭାରତ-ଆମେରିକା ସମ୍ପର୍କକୁ ସୁଦୃଢ଼ କରିଥିବା କହିଛନ୍ତି ଜୟଶଙ୍କର ।

## ଭିଜିଲାନ୍ସ ଜାଲରେ ଜନସ୍ୱାସ୍ଥ୍ୟ ବିଭାଗ ଏଷ୍ଟିମେଟର

ଭୁବନେଶ୍ୱର,୨୯।୯(ପି.ଏନ): ଜଣେ ଠିକାଦାରଙ୍କ ଠାରୁ ୭ ହଜାର ଟଙ୍କା ଲାଂଚ ନେବାବେଳେ ଭିଜିଲାନ୍ସ ହାତରେ ଧରା ପଡିଛନ୍ତି ରାୟଗଡ଼ା ଜନସ୍ୱାସ୍ଥ୍ୟ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟର ସହକାରୀ ଯନ୍ତ୍ରୀ (ଏଷ୍ଟିମେଟର) ରମାକାନ୍ତ ମଲ୍ଲିକ। ଝଞ୍ଜାବତୀ ନଦୀରେ ଥିବା ପମ୍ପ ହାଉସର ମରାମତି ବାବଦକୁ ଏଷ୍ଟିମେଟ କରିବା ପାଇଁ ଠିକାଦାର ସୁମନ୍ତ ପରିଡ଼ାଙ୍କ ଠାରୁ ଲାଂଚ ନେଉଥିଲେ ରମାକାନ୍ତ ମଲ୍ଲିକ। ଗତ ଫେବ୍ରୁଆରୀ ମାସରେ ଏହାର ମରାମତି କାର୍ଯ୍ୟ ହୋଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ଏଷ୍ଟିମେଟ ହୋଇ ନଥିଲା। ଏଷ୍ଟିମେଟ କରିବା ପାଇଁ ରମାକାନ୍ତ ମଲ୍ଲିକ ବାରମ୍ବାର ଲାଂଚ ମାଗିଥିଲେ। ଆଜି ସହକରୀ ଯନ୍ତ୍ରୀ (ଏଷ୍ଟିମେଟର) ରମାକାନ୍ତ ମଲ୍ଲିକ ନିର୍ବାହୀ ଯନ୍ତ୍ରୀ କାର୍ଯ୍ୟାଳୟ ପରିସରରେ ଥିବା ନିଜ ପ୍ରକୋଷ୍ଠରେ ଲାଂଚ ଟଙ୍କା ନେଉଥିବା ବେଳେ ପୂର୍ବ ଯୋଜନା ପ୍ରକାରେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ଧରିଥିଲେ।ଏହା ପରେ ତାଙ୍କର ତିନୋଟି ଠିକଣାରେ ରେଡ଼ କରିଛି ଭିଜିଲାନ୍ସ। କଟକର ମେରିଆ ବଜାର , ରାୟଗଡା କାର୍ଯ୍ୟାଳୟ ଏବଂ ସିରିଗୁଡାରେ ଥିବା ଭଡାଘରେ ରେଡ଼ ଚାଲିଥିବା ସୂଚନା ମିଳିଛି। ଭିଜିଲାନ୍ସ ଅଧିକାରୀ ତାଙ୍କୁ ଅଟକ ରଖି ପଚରାଉଚରା କରୁଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲାରେ ଗଡିଲା ମୁଣ୍ଡ, ବିଜେଡି ନେତାଙ୍କୁ ହତ୍ୟା

ଭୁବନେଶ୍ୱର,୨୯।୯(ପି.ଏନ): ଅଶାନ୍ତ ହେଉଛି ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲା। ରକ୍ତ ରଞ୍ଜିତ ହୋଇଛି ଗଞ୍ଜାମର ମାଟି। ରାଜନୈତିକ ହିଂସାରୁ ଗଡୁଛି ମୁଣ୍ଡ! ଆଜି ଅତି ବୀଭତ୍ସ ଭାବେ ଜଣେ ଯୁବ ବିଜେଡି ନେତାଙ୍କୁ ହତ୍ୟା କରାଯାଇଛି। ପାଖ ଗାଁରୁ ସ୍କୁଟିରେ ଘରକୁ ଫେରୁଥିବା ବେଳେ ଯୁବ ନେତାଙ୍କୁ କେତେକ ଦୁର୍ବୃତ୍ତ ଭୁଜାଲିରେ ହାଣି ହତ୍ୟା କରିଥିବା ଅଭିଯୋଗ ହୋଇଛି। ଏନେଇ ଅଭିଯୋଗ ହେବା ପରେ ଖୋଳତାଡ କରୁଛି ପୁଲିସ୍।ଧରାକୋଟ ଥାନା ବରିଗୁଡାର ବିଜେଡି ଯୁବ ନେତା ଅନୀଲ ମାହାନ୍ତି ଆଜି ସକାଳେ ନିଜ ସ୍କୁଟିରେ ପଡ଼ଶୀ ଗାଁ ଉଖୁଡ଼ାପଟାକୁ ଯାଇଥିଲେ। ସେଠାରେ ପୋଖରୀରେ ମାଛ ଯାଆଁଳ ଛାଡିବା ସମ୍ପର୍କରେ ଆଲୋଚନା କରି ଫେରୁଥିଲେ। ଅନୀଲ ସ୍କୁଟିରେ ଘରକୁ ଫେରୁଥିବା ବେଳେ ଗାଁଠାରୁ ଅଳ୍ପ ଦୂରରେ ଏକ ନିଛାଟିଆ ସ୍ଥାନରେ ତାଙ୍କ ଉପରେ ଆକ୍ରମଣ ହୋଇଥିଲା। କେତେକ ଦୁର୍ବୃତ୍ତ ତାଙ୍କ ଉପରେ ସଂଘବଦ୍ଧ ଭାବେ ଆକ୍ରମଣ କରିଥିବା ଚର୍ଚ୍ଚା ହେଉଛି। ଭୁଜାଲିରେ ତାଙ୍କ ପେଟକୁ ଭସିଥିବା ଦେଖିବାକୁ ମିଳିଛି। ଏପରିକି ତାଙ୍କ ବେକ ଓ ଶରୀର ଅନ୍ୟ ସ୍ଥାନରେ ମଧ୍ୟ ଗଭୀର କ୍ଷତ ଚିହ୍ନ ଥିବା ଦେଖିବାକୁ ମିଳିଛି। ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା।

## ଆଇନରେ ପରିଣତ ହେଲା ମହିଳା ସଂରକ୍ଷଣ, କେବେ ଲାଗୁ ହେବ ?



ନୂଆଦିଲ୍ଲୀ,୨୯।୯(ପି.ଏନ): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ମୋହର ପରେ ସଂସଦରେ ପାରିତ ହୋଇଥିବା ଐତିହାସିକ ମହିଳା ସଂରକ୍ଷିତ ବିଲ୍? ଆଜି ଆଇନରେ ପରିଣତ ହୋଇ ଯାଇଛି। ସର୍ବସମ୍ମତିକ୍ରମରେ ମହିଳା ସଂରକ୍ଷଣ ବିଲ୍? ବା ନାରୀ ଶକ୍ତି ବନ୍ଦନ ଅଧିନିୟମ ଉଭୟ ଲୋକସଭା ଓ ରାଜ୍ୟସଭାରେ ପାରିତ ହୋଇଥିଲା।ମହିଳା ସଂରକ୍ଷଣ ବିଲକୁ ପାରିତ କରିବା ପାଇଁ କେନ୍ଦ୍ର ସରକାର ସ୍ୱତନ୍ତ୍ର ଅଧିବେଶନ ମଧ୍ୟ ଡାକିଥିଲେ। ସଂସଦର ନୂଆ ବିଲଡିଂରେ ପ୍ରଥମ ବିଲ୍ ଭାବେ ଏହାକୁ ଆଗତ କରାଯାଇଥିଲା। ଉଭୟ ସଦନରେ ଏହା ଉପରେ ୧୫୦ରୁ ଅଧିକ ସଦସ୍ୟ ନିଜର ମତ ରଖିଥିଲେ। ଏହାପରେ ଏହି ବିଲ୍? ପାରିତ ହୋଇଥିଲା।ଆଜି ରାଷ୍ଟ୍ରପତି ମୁର୍ମୁ ଏହି ବିଲକୁ ମଞ୍ଜୁରୀ ଦେବାରୁ ଏହା ଆଇନରେ ପରିଣତ ହୋଇଯାଇଛି। ମହିଳାଙ୍କ ପାଇଁ ଲୋକସଭା ଓ ରାଜ୍ୟ ବିଧାନସଭାରେ ୩୩% ସ୍ଥାନ ସଂରକ୍ଷଣ ବ୍ୟବସ୍ଥା ଏଥିରେ ରହିଛି। ରାଷ୍ଟ୍ରପତିଙ୍କ ପାଖକୁ ଏହି ବିଲ ପଠାଇବା ପୂର୍ବରୁ ଆଜି ଉପ ରାଷ୍ଟ୍ରପତି ତଥା ରାଜ୍ୟସଭାର ଅଧକ୍ଷ ଜଗଦୀପ ଧନକର ଏହା ଉପରେ ମୋହର ମାରିଥିଲେ।

## ବାଚସ୍ପତିଙ୍କ ଇସ୍ତଫା ଦାବୀରେ ବିଜେପିର ବିକ୍ଷୋଭ

ଭୁବନେଶ୍ୱର,୨୯।୯(ପି.ଏନ): ଡାଲି ଦୁର୍ନୀତିରେ ଲିପ୍ତ କଳଙ୍କିତ ବାଚସ୍ପତିଙ୍କ ଇସ୍ତଫା ଦାବୀରେ ଓ ବିଧାନସଭାରେ ଆକ୍ରୋଶ ମୂଳକ ଭାବେ ଦୁଇଜଣ ବିଜେପି ବିଧାୟକଙ୍କୁ ବହିଷ୍କାର ଏବଂ ବିରୋଧୀ ଦଳ ନେତାଙ୍କ ବିରୁଦ୍ଧରେ ଅଶାଳୀନ ମନ୍ତବ୍ୟ ଦେବା ପ୍ରତିବାଦରେ ଭୁବନେଶ୍ୱର ସାଂଗଠନିକ ଜିଲ୍ଲା ବିଜେପି ପକ୍ଷରୁ ମାଷ୍ଟରକ୍ୟାଂଟିନ ଛକରେ ଅଭିନବ ଢଙ୍ଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବିଜେପି କର୍ମକର୍ତାମାନେ ରାସ୍ତାରେ ଲୋକଙ୍କୁ ଡାଲି ବାଂଟିବା ସହ ମୁଖ୍ୟମନ୍ତ୍ରୀ , ପୂର୍ବତନ ମନ୍ତ୍ରୀ ଅରୁଣ ସାହୁ ଓ ବାଚସ୍ପତିଙ୍କ କୁଶ ପୁତଳିକା ଦାହ କରିଥିଲେ। ବିଜେପି ଭୁବନେଶ୍ୱର ଜିଲ୍ଲା ସଭାପତି ବାବୁ ସିଂ କହିଛନ୍ତି ଯେ ଓଡ଼ିଶାରୁ ଲୋକ ମତ ହରାଇବା ଦେଖି ବିଳି ବିଳାଉଛି ବିଜୁ ଜନତା ଦଳ। ଓଡ଼ିଶାର ସବୁଠାରୁ ବଡ଼ ଦୁର୍ନୀତି ହେଉଛି ଡାଲି ଦୁର୍ନୀତି ଯେଉଁଥିରେ କି ସେତେବେଳର ମନ୍ତ୍ରୀ ତଥା ବର୍ତମାନର ବାଚସ୍ପତି ଇସ୍ତଫା ଦେଇଥିଲେ। ଡାଲି ଖାଇଲେ ଚଳିବ, ଡାଲି ଦୁର୍ନୀତି କଲେ ଚଳିବ କିନ୍ତୁ ଡାଲି ଦେଖିଲେ ଭୟଭୀତ ହେଉଛନ୍ତି ବାଚସ୍ପତି । " ଡାଲି ଦୁର୍ନୀତି" କହିଲେ କି ଡାଲି ଦେଖିଲେ ଆଜି ଶାସକ ଦଳର ମନ୍ତ୍ରୀ, ବିଧାୟକ ଏବଂ ନେତାଙ୍କୁ ଭୟ ଲାଗୁଛି। ତେଣୁ ଡାଲି ଦୁର୍ନୀତିରେ ଲିପ୍ତ କଳଙ୍କିତ ବାଚସ୍ପତିଙ୍କ ଇସ୍ତଫା ଆମେ ଦାବି କରୁଛୁ । ଏତେବଡ଼ ସାମ୍ବିଧାନିକ ପଦବୀରେ କିଭଳି ଦୁର୍ନୀତି ରେ ଲିପ୍ତ ହୋଇ ଇସ୍ତଫା ଦେଇଥିବା ମନ୍ତ୍ରୀ ମହୋଦୟାଙ୍କୁ ବସା ଗଲା ବୋଲି ସେ ପ୍ରଶ୍ନ କରିଛନ୍ତି। ଶ୍ରୀ ସିଂ କହିଛନ୍ତି ଯେ, "ଡାଲି" ଦେଖିକି ବାଚସ୍ପତି ମହୋଦୟା ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝୀ ଓ ବିଧାୟକ ଡ.ମୁକେଶ ମହାଲିଙ୍ଗଙ୍କୁ ପବିତ୍ର ବିଧାନସଭାରୁ ନିଲମ୍ବିତ କରିଛନ୍ତି, ଏହା ଆଜି ପର୍ଯ୍ୟନ୍ତ ଓଡ଼ିଶା ବିଧନସଭାରେ ଏକ ବିରଳ ଘଟଣା । ଓଡ଼ିଶାରେ ଏକ ନମ୍ବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୋଲି ଶାସକ ଦଳର ନେତାମାନେ ଡିଣ୍ଡିମ ପିଟୁଛନ୍ତି, ତାହାଲେ ବିରୋଧୀ ଦଳ ପ୍ରଶ୍ନରେ ଉତର ନଦେଇ କାହିଁକି ପଳାୟନ କରୁଛନ୍ତି ? ବିଭିନ୍ନ ଅଭିଯୋଗରେ ସଂପୃକ୍ତ ଥିବା ଶାସକ ବିଜେଡି ଦଳର ଦୋଷୀ ଓ ଆରୋପୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଏତେ ଅନୁକମ୍ପା କାହିଁକି ବୋଲି ରାଜ୍ୟ ପ୍ରବକ୍ତା ଦିଲ୍ଲୀପ ମହାନ୍ତି କହିଛନ୍ତି। ରାଜ୍ୟରେ ପ୍ରକୃତରେ ଶାସନ କିଏ କରୁଛି ଓ ଓଡ଼ିଶାର ମୁଖ୍ୟମନ୍ତ୍ରୀ କିଏ ବୋଲି ଓଡ଼ିଶା ବାସୀ ପ୍ରଶ୍ନ କଲେଣି। ଅଣ ଓଡ଼ିଆ ଅଫିସର୍ ଏଠି ତାମିଲ ଶାସନ ଚଲେଇଛନ୍ତି। ଏକଛତ୍ରବାଦି ଶାସନ ରେ ଓଡ଼ିଶାର ଗଣତନ୍ତ୍ର ଆଜି ନିଜର ଅସ୍ତିତ୍ୱ ହରାଇଛି ବୋଲି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନ କହିଛନ୍ତି।ଆଜିର ଏହି ବିକ୍ଷୋଭ ପ୍ରଦର୍ଶନ ରେ ବିଜେପି ନେତା ହିମାଂଶୁ ଶେଖର ଛୋଟରାୟ, ରାମଚନ୍ଦ୍ର ରଣସିଂ ଦିଲ୍ଲୀପ ବେହେରା, ରାଜେନ୍ଦ୍ର ଦାସ,ଉପେନ୍ଦ୍ର ଭଞ୍ଜ, ସ୍ୱଂୟ ସେବକ ରାୟ ପ୍ରମୁଖ ଉପସ୍ଥିତ ଥିଲେ।

## ଘନଉଛି ଲଘୁଚାପ; ୧ରୁ ୩ ଯାଏଁ ପ୍ରବଳରୁ ଅତି ପ୍ରବଳ ବର୍ଷିବ !



ଭୁବନେଶ୍ୱର,୨୯।୯(ପି.ଏନ): ବଙ୍ଗୋପସାଗରରେ ଘନଉଛି ଲଘୁଚାପ। ଆସନ୍ତା ୪୮ ଘଣ୍ଟାରେ ମଧ୍ୟରେ ଏହା ଆହୁରି ଘନୀଭୂତ ହୋଇ ସ୍ପଷ୍ଟ ଚିହ୍ନିତ ଲଘୁଚାପରେ ପରିଣତ ହେବାର ସମ୍ଭାବନା ରହିଛି। ସ୍ପଷ୍ଟ ଲଘୁଚାପ ଉତ୍ତର ଓଡିଶା ଓ ପଶ୍ଚିମବଙ୍ଗ ମୁହାଁ ହେବ। ଯାହାର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ୧ରୁ ୩ ତାରିଖ ଯାଏଁ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ଏନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି।ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ଜାରୀ କରିଥିବା ବୁଲେଟିନ୍? ଅନୁସାରେ କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ ଓ ଯାଜପୁର ଜିଲ୍ଲା ଗୋଟିଏରୁ ଦୁଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲ୍ଲାରେ ୧୨ରୁ ୨୦ ସେଣ୍ଟିମିର ପର୍ଯ୍ୟନ୍ତ ବର୍ଷା ହୋଇପାରେ। ସେଥିପାଇଁ ଅରେଞ୍ଜ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ସୁନ୍ଦରଗଡ, ଦେବଗଡ, ସମ୍ବଲପୁର, ଅନୁଗୋଳ, ଢେଙ୍କାନାଳ, କଟକ, କେନ୍ଦ୍ରାପଡା, ଜଗତସିଂହପୁର, ଖୋର୍ଦ୍ଧା ଓ ପୁରୀ ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲ୍ଲାରେ ୭ରୁ ୧୧ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ। ଏହାଛଡା କେତେକ ଜିଲ୍ଲାରେ ବଜ୍ରପାତ ଓ ଘଡିଘଡି ମାରିବାର ଆଶଙ୍କା ରହିଛି। ସେଥିପାଇଁ ୟେଲୋ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି।

## ଅଭିଷେକ ବାନାର୍ଜୀଙ୍କୁ ଇଡି ନୋଟିସ ପରେ କେନ୍ଦ୍ରକୁ ଘେରିବାକୁ ଯୋଜନା

କୋଲକାତା, ୨୯।୯(ପି.ଏନ): ନିଯୁକ୍ତି ଦୁର୍ନୀତି ମାମଲାରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ପୁତୁରା ଅଭିଷେକ ବାନାର୍ଜୀଙ୍କୁ ଇଡିର ନୋଟିସ ପରେ ଦିଲ୍ଲୀରେ କେନ୍ଦ୍ର ସରକାରକୁ ଘେରିବାକୁ ପ୍ରସ୍ତୁତି ଆରମ୍ଭ ହୋଇଛି । ପଶ୍ଚିମବଙ୍ଗରେ ଶହେ ଦିନର ନିଯୁକ୍ତି ଗ୍ୟାରେଣ୍ଟି ଯୋଜନା ମନରେଗା ଫଣ୍ଡ ରୋକିବା ବିରୋଧରେ ଅକ୍ଟୋବର ୨ରୁ ଦିଲ୍ଲୀରେ ଧାରଣା ଦେବେ ଶ୍ରମିକ । ଏଥିପାଇଁ କୋଲକାତାରୁ ହଜାର ହଜାର ମନରେଗା ଶ୍ରମିକ ଦିଲ୍ଲୀରେ ପହଞ୍ଚିବା ଆରମ୍ଭ କଲେଣି ।ତୃଣମୂଳ କଂଗ୍ରେସ ଅନୁସାରେ ପାଖାପାଖି ୪ହଜାର ମନରେଗା କାର୍ଯ୍ୟକର୍ତ୍ତା ସେପ୍ଟମ୍ବର ୩୦ରେ ଦଳ ପକ୍ଷରୁ ବୁକ୍ ହୋଇଥିବା ଏକ ସ୍ୱେଶାଲ ଟ୍ରେନରେ ଦିଲ୍ଲୀ ଯିବେ । ରାଜ୍ୟର ବିଭିନ୍ନ ଜିଲ୍ଲାକୁ ମନରେଗା ହିତାଧିକାରୀ କୋଲକାତାରେ ପହଞ୍ଚିଛନ୍ତି।

## ଚୌଧୁରୀ ବଜାରରେ ଥିବା ଏକ ଲୁଗାଦୋକାନରେ ବଡ ଧରଣର ଅଗ୍ନିକାଣ୍ଡ
## ୪ ଘଂଟା ପରେ ନିଆଁକୁ ଆୟତ କଲେ ଅଗ୍ନିଶମ କର୍ମଚାରୀ

କଟକ/ଭୁବନେଶ୍ୱର, ୨୯।୯(ପି.ଏନ): କଟକ ଚୌଧୁରୀ ବଜାରରେ ଥିବା ଏକ ଲୁଗାଦୋକାନରେ ଭୟାଭୟ ଅଗ୍ନିକାଣ୍ଡ ଘଟିଛି। ୯ଟି ଅଗ୍ନିଶମ ବାହିନୀ ଅକ୍ଲାନ୍ତ ପରିଶ୍ରମ କରି ଦୀର୍ଘ ୪ ଘଂଟା ପରେ ନିଆଁକୁ ଆୟତ କରିଛନ୍ତି। ନିଆଁରେ ଦୋକାନଟି ସମ୍ପୂର୍ଣ୍ଣ ଜଳିପୋଡ଼ି ପାଉଁଶ ହୋଇଯାଇଛି। ଦୋକାନରେ ବହୁ ପରିମାଣର ଶାଢ଼ୀ, କପଡ଼ା ଏବଂ ପ୍ଲାଷ୍ଟିକ ଇଂଟେରିୟର୍ ଗୁଡ଼ିକ ଜଳିପୋଡ଼ି ପାଉଁଶ ହୋଇଯାଇଛି। ଏପର୍ଯ୍ୟନ୍ତ କ୍ଷୟକ୍ଷତିର ଆକଳନ କରାଯାଇ ନାହିଁ। ତେବେ ଅଗ୍ନିକାଣ୍ଡ ସକାଳସମୟରେ ଘଟିଥିବାରୁ ଗହଳି ନଥିଲା। ଫଳରେ ବଡ ଧରଣର ଅଘଟଣ ଟଳିଯାଇଛି। କଟକ ଜିଲ୍ଲାପାଳ ଘଟଣାସ୍ଥଳରେ ପହଂଚି ସ୍ଥିତି ଅନୁଧ୍ୟାନ କରିଛନ୍ତି।ଘଟଣା ସମ୍ପର୍କରେ କଟକ ଜିଲ୍ଲାପାଳ କହିଛନ୍ତି ନିଆଁରେ ଲାଗି ଦୋକାନରେ ଥିବା ଜିନିଷ ପତ୍ର ସବୁ ଜଳିପୋଡ଼ି ପାଉଁଶ ହୋଇଯାଇଥିବା ଜଣାପଡ଼ିଛି। ତେବେ କିପରି ନିଆଁ ଲାଗିଲା ତାର କାରଣ ଜଣାପଡ଼ି ନାହିଁ। ସର୍ଟ ସର୍କିଟରୁ ନିଆଁ ଲାଗିଲା ଆଉ କିଛି କାରଣ ଅଛି ତାହା ଜଣାପଡ଼ିନାହିଁ। ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲ୍ଲାପାଳ କହିଛନ୍ତି।ଅନ୍ୟପକ୍ଷରେ ଡେପୁଟି ଫାୟାର ସେଫ୍ଟି ଅଧିକାରୀ କହିଛନ୍ତି, ବିଲ୍ଡିଂରେ ଫାୟାର ସେଫ୍ଟି ବ୍ୟବସ୍ଥା ଯଥେଷ୍ଟ ନଥିଲା। ଫାୟାର ସେଫ୍ଟି ବ୍ୟବସ୍ଥା ଯଥେଷ୍ଟ ନଥିବାରୁ ବଡ଼ ଅଗ୍ନିକାଣ୍ଡ ହୋଇଛି। ନିଆଁକୁ ଆୟତ କରିବା ଏକ ବଡ଼ ଚ୍ୟାଲେଞ୍ଜ ଥିଲା।ଆଜି ସକାଳେ ଗ୍ରାଉଣ୍ଡ ଫ୍ଲୋରରେ ଥିବା ଲୁଗା ଦୋକାନରେ ନିଆଁ ଲାଗିଯାଇଥିଲା। ପରେ ନିଆଁଟି ପ୍ରଥମ, ଦ୍ୱିତୀୟ , ତୃତୀୟ ଓ ଚତୁର୍ଥ ମହଲାକୁ ବ୍ୟାପି ଯାଇଥିଲା। ନିଆଁ ବ୍ୟାପିବା ପୂର୍ବରୁ ଉପରେ ରହୁଥିବା ଲୋକଙ୍କୁ ଉଦ୍ଧାର କରାଯାଇଥିଲା। ଅନ୍ୟ ପକ୍ଷରେ ପ୍ରବଳ ଧୂଆଁ ବାହାରୁଥିବାରୁ ଭିତରକୁ ଯାଇ ନିଆଁ ଲିଭାଇବା ଅଗ୍ନିଶମ କର୍ମଚାରୀଙ୍କ ପାଇଁ କଷ୍ଟକର ହୋଇପଡ଼ିଥିଲା। ବିଲ୍ଡିଂରେ ଲାଗିଥିବା କାଚକୁ ଭାଙ୍ଗି ସିଡ଼ି ଦ୍ୱାରା ଚଢ଼ି ଅଗ୍ନିଶମ ବାହିନୀ ନିଆଁକୁ ଆୟତ କରିବାକୁ ଚେଷ୍ଟା କରାଯାଇଥିଲା। ଏହାସହ ସହ ସ୍କାଏ ଲିଫଟ୍ ସହାୟତାରେ ଭିତର ଯାଏଁ ପାଣି ସ୍ପ୍ରେ କରାଯାଇଥିଲା। କୋଠାର ବିଭିନ୍ନ ଆଡୁ ଚଢ଼ି ଭିତରକୁ ପଶି ନିଆଁକୁ ଆୟତ ଚେଷ୍ଟା କରିବାକୁ ଚେଷ୍ଟା କରିଥିଲେ।

### ଟାଇମ୍ସ ବିଶ୍ୱ ବିଶ୍ୱବିଦ୍ୟାଳୟ ର୍ୟାଙ୍କିଙ୍ଗ ୨୦୨୪
## ଜାତୀୟସ୍ତରରେ ୬ଷ୍ଠ ସ୍ଥାନରେ କିଟ୍ : ଓଡ଼ିଶାରେ ଏକ ନମ୍ବର



THE World University Rankings

ଭୁବନେଶ୍ୱର, ୨୯।୯: ଟାଇମ୍ସ ହାଇଅର ଏଜୁକେସନ୍ ବିଶ୍ୱ ବିଶ୍ୱବିଦ୍ୟାଳୟ ର୍ୟାଙ୍କିଙ୍ଗରେ ଉପରକୁ ଉଠିଛି କିଟ୍ ବିଶ୍ୱବିଦ୍ୟାଳୟ। ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ଟାଇମ୍ସ ହାଇଅର ଏଜୁକେସନ୍ ବିଶ୍ୱ ବିଶ୍ୱବିଦ୍ୟାଳୟ ର୍ୟାଙ୍କିଙ୍ଗ ପ୍ରକାଶ ପାଇଛି। ପ୍ରତିବର୍ଷ ପରି ଚଳିତବର୍ଷ କିଟ୍ ବିଶ୍ୱବିଦ୍ୟାଳୟ ଏହି ର୍ୟାଙ୍କିଂରେ ବିଶ୍ୱ ତଥା ସର୍ବଭାରତୀୟସ୍ତରରେ ତାର ସ୍ଥାନ ବଜାୟ ରଖିଛି। ଗୁରୁବାର ଟାଇମ୍ସ ହାଇଅର ଏଜୁକେସନ୍ ବିଶ୍ୱ ବିଶ୍ୱବିଦ୍ୟାଳୟ ର୍ୟାଙ୍କିଙ୍ଗ- ୨୦୨୪ ପ୍ରକାଶିତ ହୋଇଥିବା ବେଳେ ଏଥିରେ କିଟ୍ ଅତ୍ୟଧିକ ଭଲ ପ୍ରଦର୍ଶନ କରିଛି। ଗତବର୍ଷ ଅପେକ୍ଷା ଚଳିତବର୍ଷ କିଟ୍ ବିଶ୍ୱବିଦ୍ୟାଳୟର ସ୍କୋରରେ ଯଥେଷ୍ଟ ଉନ୍ନତି ପରିଲକ୍ଷିତ ହେବା ସହ ସ୍କୋର ମଧ୍ୟ ବଢ଼ିଛି। ଚଳିତବର୍ଷ କିଟ୍ ବିଶ୍ୱବିଦ୍ୟାଳୟ ଜାତୀୟସ୍ତରରେ ୯୧ଟି ଅନୁଷ୍ଠାନ ମଧ୍ୟରେ ୬୦୧ ର୍ୟାଙ୍କ ସହ ୬ଷ୍ଠ ସ୍ଥାନରେ ରହିଥିବା ବେଳେ ଓଡ଼ିଶାରେ ପ୍ରଥମ ସ୍ଥାନରେ ରହିବାର ଗୌରବ ଅର୍ଜନ କରିଛି। ଶୈକ୍ଷିକ ପରିବେଶ, ଗବେଷଣା, ଆଦୃତି, ଅନ୍ତର୍ଜାତୀୟ ଦୃଷ୍ଟିକୋଣ ଓ ଇଣ୍ଡଷ୍ଟ୍ରି ଇନ୍‌କମ୍ ଆଦି ମାପଦଣ୍ଡକୁ ନେଇ ଟାଇମ୍ସ ହାଇଅର ଏଜୁକେସନ୍ ପକ୍ଷରୁ ବିଶ୍ୱର ବହୁ ବିଶ୍ୱବିଦ୍ୟାଳୟକୁ ନେଇ ଏହି ର୍ୟାଙ୍କ ପ୍ରସ୍ତୁତ କରାଯାଇଛି। ବିଶ୍ୱର ସମସ୍ତ ବିଶ୍ୱବିଦ୍ୟାଳୟକୁ ନେଇ ଟାଇମ୍ସ ହାଇଅର ଏଜୁକେସନ୍ ଏହି ର୍ୟାଙ୍କ ପ୍ରସ୍ତୁତ କରିଥାଏ। ପୂର୍ବବର୍ଷ ତୁଳନାରେ ଅଧିକ ଭଲ ପ୍ରଦର୍ଶନ କରି ଚଳିତବର୍ଷ ଦେଶର ପୂର୍ବାଞ୍ଚଳ ଓ ଓଡ଼ିଶା ବିଶ୍ୱବିଦ୍ୟାଳୟଗୁଡ଼ିକ ମଧ୍ୟରେ କିଟ୍ ପ୍ରଥମ ସ୍ଥାନରେ ରହିପାରିଛି। କିଟ୍ ଖୁବ୍ କମ୍ ଦିନର ଏକ ବିଶ୍ୱବିଦ୍ୟାଳୟ ହୋଇଥିବା ବେଳେ ବିଶ୍ୱର ଲବ୍ଧ ପ୍ରତିଷ୍ଠିତ ଓ ପୁରାତନ ବିଶ୍ୱବିଦ୍ୟାଳୟଗୁଡ଼ିକ ସହ ସମକକ୍ଷ ହୋଇ ଏତେ ଉନ୍ନତ ପ୍ରଦର୍ଶନ କରିଥିବାରୁ ବହୁ ଶିକ୍ଷାବିତ୍ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ସାଧୁବାଦ ଜଣାଇଛନ୍ତି। ଶ୍ରୀ ସାମନ୍ତଙ୍କ ଦୂରଦୃଷ୍ଟି ପାଇଁ ଓଡ଼ିଶାର ଏହି ବିଶ୍ୱବିଦ୍ୟାଳୟ ଆଜି ବିଶ୍ୱର ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟଗୁଡ଼ିକର ସମକକ୍ଷ ହେବା ସହ ପ୍ରତିଷ୍ଠିତ ଓ ପୁରାତନ ବିଶ୍ୱବିଦ୍ୟାଳୟକୁ ଅତିକ୍ରମ କରିପାରିଛି ବୋଲି ସେମାନେ ମତ ଦେଇଛନ୍ତି। ଶ୍ରୀ ସାମନ୍ତ କିଟ୍ ବିଶ୍ୱବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀ ଓ କର୍ମଚାରୀଙ୍କ ମିଳିତ ପ୍ରୟାସ ଯୋଗୁଁ ଏହା ସମ୍ଭବ ହୋଇପାରିଛି ବୋଲି କହିଛନ୍ତି। କିଟ୍ ବିଶ୍ୱବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀ ଓ କର୍ମଚାରୀମାନେ ପ୍ରତିଷ୍ଠାତା ଶ୍ରୀ ସାମନ୍ତଙ୍କ ନିରନ୍ତର ପ୍ରଚେଷ୍ଟା ଓ ଦୂରଦୃଷ୍ଟିକୁ ସାଧୁବାଦ ଜଣାଇଛନ୍ତି।

## ଜଣେ ଶିକ୍ଷକରେ ଚାଲିଛି ତରାସ ପ୍ରାଥମିକ ବିଦ୍ୟାଳୟ




ଜେନାପୁର,୨୯।୯(ପି.ଏନ) 'ଶିକ୍ଷା ହିଁ ସମ୍ପଦ'ଶିକ୍ଷା ବିନା ସମସ୍ତ କାର୍ଯ୍ୟ ମୂଲ୍ୟହୀନ ଆଜିର ସମାଜରେ ହୋଇଥାଏ । ସେହିପରି ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଶିକ୍ଷା ନିତ୍ୟାନ୍ତ ଆବଶ୍ୟକତା ରହିଆସିଛି । ସେଥିପ୍ରତି ମୋ ସରକାର ୫ଟି ସଚିବ ପ୍ରତ୍ୟେକ ଉଚ୍ଚ ବିଦ୍ୟାଳୟ ଗୁଡିକ ୫ଟି ସ୍କୁଲ୍ ରେ ରୂପାନ୍ତରିତ କରିବା ସହ ପରିବେଶ ସୁନ୍ଦର କରିବାରେ ପ୍ରାଧାନ୍ୟ ଦେବା ପ୍ରତି ସବୁବେଳେ ଯତ୍ନବାନ୍ ଥାଆନ୍ତି । ଉନ୍ନତ ଶିକ୍ଷା ସହିତ ବିଦ୍ୟାଳୟରେ ପାଠ ପଢୁଥିବା ଛାତ୍ରଛାତ୍ରୀମାନଙ୍କ ପାଇଁ ସୁବିଧା ଯୋଗେଇ ଦେବାରେ ସବୁବେଳେ ଚେଷ୍ଟିତ ଥାଆନ୍ତି କିନ୍ତୁ ଦୀର୍ଘ ଦିନର ସରକାରୀ ତରାସ ପ୍ରାଥମିକ ପ୍ରକଳ୍ପ ବିଦ୍ୟାଳୟଟି ଜଣେ ଶିକ୍ଷକରେ ଚାଲୁଥିବାର ଦେଖିବାକୁ ମିଳିଛି । ସେହିପରି ଦୃଷ୍ଟାନ୍ତ ଏକ ବିଦ୍ୟାଳୟ ହେଉଛି ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ ବୃନ୍ଦାଦେଇପୁର ପଞ୍ଚାୟତ ଅଧିନସ୍ଥ ତରାସ ପ୍ରାଥମିକ ପ୍ରକଳ୍ପ ବିଦ୍ୟାଳୟରେ ଶିକ୍ଷା ବ୍ୟବସ୍ଥାର ବିକଳଚିତ୍ର ଦେଖିବାକୁ ମିଳିଛି। ସୂଚନା ଅନୁଯାୟୀ ଏହି ବିଦ୍ୟାଳୟରେ ପ୍ରଥମ ଶ୍ରେଣୀ ଠାରୁ ଆରମ୍ଭ କରି ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନେ ଶିକ୍ଷା ଲାଭ କରିଥାନ୍ତି।କିନ୍ତୁ ପାଞ୍ଚଟି ଶ୍ରେଣୀ ପାଇଁ ଜଣେ ମାତ୍ର ଶିକ୍ଷକଙ୍କ ଦ୍ୱାରା ପାଠ ପଢା ହେଉଛି। ଯାହା ଫଳରେ କି ଦୁଇଟି ଶ୍ରେଣୀ ଗୃହରେ ୫ଟି ଶ୍ରେଣୀର ପିଲା ମାନେ ପଢୁଥିବା ବେଳେ ଜଣେ ଶିକ୍ଷକଙ୍କ ଦ୍ୱାରା ତାହା କେତେ ଦୂର ସମ୍ଭବ ତାହା ସାଧାରଣରେ ଚର୍ଚ୍ଚା ବିଷୟ ହେଇଛି। ଏହି ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ଅବସର ପରେ ଜଣେ ଶିକ୍ଷକରେ ସମସ୍ତ କାର୍ଯ୍ୟ ସମ୍ପାଦନ କରୁଥିବାର ଦେଖିବାକୁ ମିଳିଛି । ଏହି ବିଦ୍ୟାଳୟଟି ରାସ୍ତା ପାର୍ଶରେ ଛକ ସ୍ଥାନରେ ହୋଇଥିବା ବେଳେ ପାଚେରୀ ନ ଥିବାରୁ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଏଣେ ତେଣେ ବୁଲିବାର ଦେଖିବାକୁ ମିଳେ । କେଉଁ ସମୟରେ ରାସ୍ତାରେ ଛାତ୍ରଛାତ୍ରୀମାନେ ଖେଳୁଥିବା ସମୟରେ ଦୁର୍ଘଟଣା ନ ହେବ ବୋଲି କିଏ କହିପାରିବ । ଖୁବ୍ ଶୀଘ୍ର ଆବଶ୍ୟକୀୟ ଶ୍ରେଣୀ ଅନୁସାରେ ଆବଶ୍ୟକୀୟ ଶିକ୍ଷକ ପଦବୀ ସହ ବିଦ୍ୟାଳୟର ପାଚେରୀ ନିର୍ମାଣ କ୍ଷେତ୍ରରେ ପଦକ୍ଷେପ ନେଇ ସମସ୍ୟାର ସମାଧାନ କରିବା ପାଇଁ ଶିକ୍ଷା ବିଭାଗ ଓ ବ୍ଲକ୍ ପ୍ରଶାସନ ପାଖରେ ଗ୍ରାମବାସୀମାନେ ଦାବି କରିଛନ୍ତି ।

## ପାର୍କିଂ ବିବାଦକୁ ନେଇ ଏକ ନମ୍ବର ମାର୍କେଟରେ
## ହଜାରରୁ ଉର୍ଦ୍ଧ୍ୱ ଦୋକାନରେ ପଡିଛି ତାଲା



ଭୁବନେଶ୍ୱର,୨୯।୯(ପି.ଏନ) : ରାଜଧାନୀର ସବୁଠାରୁ ବଡ଼ ଏକ ନମ୍ବର ମାର୍କେଟ ଅନିର୍ଦ୍ଦିଷ୍ଟ କାଳ ଯାଏଁ ବନ୍ଦ । ପାର୍କିଂ ବିବାଦକୁ ନେଇ ଗତ ଦୁଇଦିନ ହେଲା ହଜାରରୁ ଉର୍ଦ୍ଧ୍ୱ ଦୋକାନରେ ପଡିଛି ତାଲା । ସଂଘ କହିଛି ସେହି ଦିନ ପର୍ଯ୍ୟନ୍ତ ହାଟ ବନ୍ଦ ରହିବ ଯେ, ପର୍ଯ୍ୟନ୍ତ କୌଣସି ସମାଧାନ ନହୋଇଛି । ଗତ କାଲି ପାର୍କିଂ ବିବାଦ କୁ ନେଇ ଉଭୟ ଦୋକାନୀ ଓ ଉଠା ଦୋକାନୀ ମୁହାଁ ମୁହିଁ ହୋଇଥିବଲେ । ୟୁନିଟ୍-୧ର ୧୨ ଶହରୁ ଅଧିକ ସ୍ଥାୟୀ ଦୋକାନ ବନ୍ଦ ରହିଛି । ହାଟ ବାହାରେ ଥିବା ଦୋକାନୀ ୧୦ ରୁ ୧୦ ଫୁଟ ଦୋକାନ ବାହାରକୁ ଅକ୍ତିଆର କରି ରଖିଛନ୍ତି । ଫଳରେ ଫୁଟପାଥ୍ ସଙ୍କୁଚିତ ହୋଇଛି । ଖାଲି ସେତିକି ନୁହେଁ ଫୁଟପାଥରେ ମଧ୍ୟ ଅସ୍ଥାୟୀ ଦୋକାନୀ ପସରା ମେଲାଇଛନ୍ତି।









# ଟି ଟାଇମ୍

## ଫିନାଇଲ ବ୍ୟବହାର କରୁଛନ୍ତି କି ?

ଫିନାଇଲିରେ ଏମିତି କିଛି ବିଷାକ୍ତ ପଦାର୍ଥ ମିଶିଛି ଯାହା ଆମ ଶରୀରରେ ସ୍ଲୋପଜଏଜ ଭଳି କାମ କରିଥାଏ। ବହୁ ଅଧ୍ୟୟନରୁ ଜଣାପଡିଛି ଯେ, ସଫା କରିବା ପାଇଁ ବ୍ୟବହୃତ ହେଉଥିବା ଫିନରାଇଲରେ ବହୁତ କ୍ଷତିକାର ତତ୍ତ୍ୱ ମିଶିକରି ରହିଥାଏ। ଫିନାଇଲିରେ ରହିଥାଏ ଶକ୍ତିଶାଳୀ ଫିନେଲ, ଯାହା ରୋଗାଣୁରୋଧକ ଏବଂ କୀଟାଣୁନାଶକ କାମ କରିଥାଏ। ଯେତେବେଳେ ଏହାକୁ ଲାଟିନ୍ କିମ୍ବା ବାଥ୍‌ରୁମ୍ ସଫାକରିବା ପାଇଁ ବ୍ୟବହାର କରାଯାଏ ତ ଏଥିରେ ଥିବା କେମିକାଲ ବହୁତ ସମୟ ଧରି ନିଶ୍ୱାସ ପ୍ରଶ୍ୱାସରେ ନେଲେ ବହୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଯଥା ପେଟ, ଅନ୍ତ, ଲିଭର, କିଡନୀ ଏବଂ ହାର୍ଟକୁ କ୍ଷତି ପହଞ୍ଚାଇଥାଏ। ବେଳେ ବେଳେ ଏହାର ପରିମାଣ ଖୁବ ଭୟଙ୍କର ହୋଇଥାଏ। ସମୟ ପୂର୍ବରୁ ଯଦି ଏହାର ଚିକିତ୍ସା ନକରାଯାଏ ତ ସ୍ଥିତି ଗମ୍ଭୀର ହୋଇପାରେ। ଫିନାଇଲ ଆଖି ଏବଂ ତ୍ୱଚା ସଂସ୍ପର୍ଶରେ ଆସିଲେ ଜଳାପୋଡା ହେବା ସହ ଏହାର ଅଧିକ ବ୍ୟବହାର ଦୃଷ୍ଟିଶକ୍ତି ଚାଲିଯବାର ବହୁ ସମ୍ଭାବନା ରହିଛି। ଠିକ୍ ସେହିଭଳି ଏହା ନିଶ୍ୱାସ ମାଧ୍ୟମରେ ଭିତରକୁ ଚାଲିଯାଏ ତ ନାକ, ଗଳା ଏବଂ ଫୁସ୍‌ଫୁସ୍‌ର ଭିତର ଅଂଶ ଜଳାପୋଡା ହୋଇପାରେ। ଫିନାଇଲକୁ ନେଇ ଆମର ମସ୍ତିଷ୍କ ଖୁବ୍ ସମ୍ବେଦନଶୀଳ। ଫିନାଇଲ୍ ଦ୍ୱାରା ହୃଦଘାତ ଏବଂ କୋମାକୁ ଚାଲିଯିବାର ସମ୍ଭାବନା ରହିଛି।

## ପ୍ଲାଷ୍ଟିକ୍ ବେବି



ଏହି ବ୍ୟସ୍ତ ବହୁଳ ଜୀବନରେ ଜଣେ ସାଧାରଣ ବ୍ୟକ୍ତି ଠିକ୍ ଭାବରେ ଖାଦ୍ୟ ଖାଇବାକୁ ସମୟ ପାଉନଥିବା ବେଳେ ୮ବର୍ଷୀୟ ପିଲା ଖାଦ୍ୟ ଖାଇବା ଛାଡ଼ି ପ୍ଲାଷ୍ଟିକ୍ ଜିନିଷ ଖାଇ ଯାଉଛି । ୮ବର୍ଷର ଝିଅ ଜେସିକା ୱାକର, ପିକା ନାମକ ରୋଗରେ ପୀଡ଼ିତ । ଏହି ରୋଗରେ ଜେସିକା ପୌଷ୍ଟିକ ଆହାରକୁ ଛାଡ଼ି ଅନ୍ୟ ସବୁ କିଛି ଖାଇବାକୁ ଇଚ୍ଛା ହୋଇଥାଏ ଯାହା ଜଣେ ସାଧାରଣ ବ୍ୟକ୍ତି କେବେ ଖାଇନଥାଏ । ଜେସିକାର ମା' ଲିଣ୍ଡସେ କହନ୍ତି ଯେତେବେଳେ ଜେସିକା ଛୋଟଥିଲେ ବାଲି, ମାଟି ଓ ମହମବତୀ ଖାଇଦେଉଥିଲେ । ଯଦି ପ୍ଲେଟରେ ମାଂସ ତରକାରି କିମ୍ବା ଅନ୍ୟ କୌଣସି ବ୍ୟଞ୍ଜନ ରଖାଯାଇଥାଏ ତେବେ ଜେସିକା ତାକୁ କେବେବି ଛୁଅନ୍ତି ନାହିଁ । ଝିଅର ଏଭଳି ସମସ୍ୟା ଦେଖି ତାଙ୍କ ମା' ତାକୁ ବାଳ ସୁରକ୍ଷା ଗୃହରେ ଛାଡ଼ିଥିଲେ କିନ୍ତୁ ସେଠାରେ ମଧ୍ୟ ଏକା ପରିସ୍ଥିତି ଉପୁଜିଥିଲା । ଜେସିକା କଞ୍ଚା ପରିବା ଖାଆନ୍ତି, ଜିନିଷ ପତ୍ର ଉପରେ ଲାଗିଥିବା ର୍‍ୟାପ୍ ବା ଜରିକୁ ଖାଆନ୍ତି । ଡାକ୍ତରଙ୍କ କହିବା ଅନୁସାରେ ଜେସିକାଙ୍କର ଏହି ରୋଗ ଭିଟାମିନ୍‌ର ଅଭାବ କାରଣରୁ ହୋଇଥାଏ । ପାଞ୍ଚ ବର୍ଷ ହେବ ଜେସିକାଙ୍କର ଏହି ରୋଗ ହୋଇଥିଲେ ହେଁ ତାଙ୍କର ଚିକିତ୍ସା ଠିକ୍ ଭାବେ କରାଯାଇପାରୁନାହିଁ । ଏଥିପାଇଁ ଜେସିକାର ମା' ବହୁତ ଚିନ୍ତିତ ଅଛନ୍ତି ।

## ଚର୍ଚ୍ଚାରେ 'ହରାମ୍‌ଖୋର'



ନୱାଜଉଦ୍ଦିନ ସିଦ୍ଦିକି ଓ ଶ୍ୱେତା ତ୍ରିପାଠୀଙ୍କ ଅଭିନୀତ ଫିଲ୍ମ 'ହରାମ୍‌ଖୋର'ର ଟ୍ରେଲର ରିଲିଜ କରାଯାଇଛି। ପୂର୍ବରୁ ଫିଲ୍ମକୁ ନେଇ କିଛି ସମସ୍ୟା ଦେଖାଦେଇଥିଲା। ମାତ୍ର ଫିଲ୍ମଟି ସମାଜକୁ ଏକ ସୁନ୍ଦର ବାର୍ତ୍ତା ପ୍ରଦାନ କରୁଥିବାରୁ ଏହାର ବ୍ୟାନକୁ ହଟାଇଦିଆଯାଇଛି। ଗୁଜୁରାଟର ଏକ ଛୋଟ ଗାଁରେ ସୁଟିଂ କରାଯାଇଛି ସମ୍ପୂର୍ଣ୍ଣ ଫିଲ୍ମ। ଶ୍ଲୋକ ଶର୍ମାଙ୍କ ନିର୍ଦ୍ଦେଶନାରେ ମାତ୍ର ୧୬ଦିନରେ ଶେଷ ହୋଇଛି ପୂରା ଫିଲ୍ମର ସୁଟିଂ। ଫିଲ୍ମର କାହାଣୀରେ ଜଣେ ୧୪ବର୍ଷର ଝିଅର ନିଜ ପ୍ରଫେସରଙ୍କ ସହ ପ୍ରେମକାହାଣୀକୁ ଦର୍ଶାଯାଇଛି। ନିଛକ ଗାଁର ଛବି ଓ ଏହାର ସଙ୍ଗୀତ ଟ୍ରେଲରଟିକୁ ଅଧିକ ଆକର୍ଷଣୀୟ କରିଛି।

## ପୁରାଣ କାହାଣୀ

# କୁଟୁମ୍ବେଶ୍ୱର ମହାଦେବଙ୍କ ମହାତ୍ମ୍ୟ



ସଂସାର ହିତ ଲାଗି ସୋମବତୀ ଅମାବାସ୍ୟା କୁଟୁମ୍ବେଶ୍ୱର ଲିଙ୍ଗଙ୍କୁ ଦର୍ଶନ କଲେ କୁଟୁମ୍ବ ବୃଦ୍ଧି ପାଇବା ସହ ସମସ୍ତ ପାପ ଦୂର ହୋଇଥାଏ । ରବିବାର, ସୋମବାର, ଅଷ୍ଟମୀ, ଚତୁର୍ଦ୍ଦଶୀ ତଥା ସୋମବତୀ ଦିନ ଶିପ୍ରା ନଦୀରେ ସ୍ନାନ କରି କୁଟୁମ୍ବେଶ୍ୱରଙ୍କୁ ଦର୍ଶନ କଲେ ସୁଫଳ ମିଳିଥାଏ । ଏହାସହ ସ୍କନ୍ଦ ପୁରାଣରେ କୁଟୁମ୍ବେଶ୍ୱରଙ୍କ ମହାତ୍ମ୍ୟ ବର୍ଣ୍ଣନା କରାଯାଇଛି । ଏକଦା ଦେବତା ଓ ରାକ୍ଷସ ସମୁଦ୍ର ମନ୍ଥନ କରୁଥିବା ବେଳେ ବିଷ ଉତ୍ପନ୍ନ ହେଲା । ଏହାଦେଖି ରାକ୍ଷସ ଓ ଦେବତାମାନେ ବିଚଳିତ ହୋଇ ଉଠିଲେ । ସେମାନେ ଭଗବାନ ଶିବଙ୍କ ନିକଟକୁ ଯାଇ ସମସ୍ତ କଥା ପ୍ରକାଶ କରି ବିଷକୁ ଦୂର କରିବା ଲାଗି ପ୍ରାର୍ଥନା କଲେ । ମହାଦେବ ସମସ୍ତ କଥା ଶୁଣିବା ପରେ ମୟୂର ରୂପ ଧାରଣ କରି ସେହି ବିଷକୁ ପାନ କରିବା ଦ୍ୱାରା ତାଙ୍କ କଣ୍ଠ ନୀଳ ପଡିଗଲା । କିନ୍ତୁ ମହାଦେବ ଏହି ବିଷକୁ ଦୂର କରିବା ଲାଗି ଶିପ୍ରା ନଦୀକୁ ଆଦେଶ ଦେଲେଯେ ଏହି ବିଷକୁ ନେଇ ସେ ମହାକାଳ ବଣରେ ଥିବା କାମେଶ୍ୱରସ୍ଥିତ ଏକ ଲିଙ୍ଗ ଉପରେ ଚଢ଼ାଇ ଦିଅ । ମା' ଶିପ୍ରା ନଦୀ ଉକ୍ତ ବିଷକୁ ନେଇ ଲିଙ୍ଗ ଉପରେ ଢ଼ାଳିଦେଲେ । ବିଷର ପ୍ରଭାବରେ ଯେଉଁ ପ୍ରାଣୀ ତାଙ୍କୁ ଦର୍ଶନ କରୁଥିଲେ ସେମାନେ ମୋକ୍ଷ ପ୍ରାପ୍ତ କରୁଥିଲେ । କିଛି ବ୍ରାହ୍ମଣ ତୀର୍ଥ ଯାତ୍ରା କରିବା ଲାଗି ଏହି ଲିଙ୍ଗ ନିକଟକୁ ଆସି ଦର୍ଶନ କଲେ । ଦର୍ଶନ ଫଳରେ ସମସ୍ତ ବ୍ରାହ୍ମଣ ଦେହତ୍ୟାଗ କଲେ ଏହାଦ୍ୱାରା ତାଙ୍କ କୁଟୁମ୍ବ ଲୋପ ପାଇବାକୁ ଲାଗିଲା । ଏହା ଦେଖି କିଛି ବ୍ରାହ୍ମଣ ତାଙ୍କ କୁଟୁମ୍ବକୁ ବଞ୍ଚାଇବା ଲାଗି ଭଗବାନ ଶିବଙ୍କୁ ପ୍ରାର୍ଥନା କଲେ ଉକ୍ତ ପ୍ରାର୍ଥନାକୁ ସ୍ୱୀକାର କରି ମହାଦେବ କହିଲେ ରାଜା ଲକୁଲିଶ ଏହି ଲିଙ୍ଗକୁ ଦର୍ଶନ କଲେ ବିଷର ପ୍ରଭାବ ଆପେ ଆପେ ଦୂର ହୋଇଯିବ । ଏହି ଲିଙ୍ଗକୁ କୁଟୁମ୍ବେଶ୍ୱର କୁହାଯିବ କହି ମହାଦେବ ଅନ୍ତର୍ଦ୍ଧାନ ହୋଇଗଲେ ସେବେଠାରୁ ଏହି ଲିଙ୍ଗର ନାମ କୁଟୁମ୍ବେଶ୍ୱର ରହି ଆସିଛି ।

# ୫୦୦ କୋଟି ବନାମ ୫୦୦ଟଙ୍କା



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିମୁଦ୍ରାକରଣ ନୀତି ସତ୍ତ୍ୱେ ଦେଶବାସୀ ଦେଖିଥିଲେ କର୍ଣ୍ଣାଟକର ପୂର୍ବତନ ମନ୍ତ୍ରୀ ତଥା ଖଣି ମାଲିକ ଜନାର୍ଦ୍ଦନ ରେଡ୍ଡୀଙ୍କ ଝିଅ ବ୍ରାହ୍ମଣୀଙ୍କ ୫୦୦ କୋଟିର ବିବାହ। ବିବାହ କାର୍ଡ, ପୋଷାକଠାରୁ ଆରମ୍ଭ କରି ଭୋଜିଭାତରେ ଖର୍ଚ୍ଚ ହୋଇଥିଲା କୋଟି କୋଟି ଟଙ୍କା। ଏବେ କିନ୍ତୁ ଦେଶବାସୀ ଏହି ନୀତିର ଅପରପାର୍ଶ୍ୱ ଦେଖିବାକୁ ପାଇଛନ୍ତି। ସାଧାରଣ ଜନତା ଏହି ନୀତି ଦ୍ୱାରା କେତେମାତ୍ରାରେ ପ୍ରଭାବିତ ହୋଇଛନ୍ତି ତାହାର ଜ୍ୱଳନ୍ତ ଉଦାହରଣ ସାଜିଛି ସୁରଟର ଦକ୍ଷା ପରମାର୍ ଓ ଭାରତ ମାରୁଙ୍କ ମାତ୍ର ୫୦୦ ଟଙ୍କାର ବିବାହ। ସୁରଟର ଏକ ଇଲେକଟ୍ରିସିଟି କମ୍ପାନୀରେ ଟେକ୍ନିସିଆନ ଭାବେ କାର୍ଯ୍ୟ କରୁଥିବା ରାଜ୍ ପରମାର୍ ନିଜ ଝିଅ ଦକ୍ଷାଙ୍କ ବିବାହ ଠିକ୍ କରିଥିଲେ କମ୍ପ୍ୟୁଟର ଇନିୟର ଭାରତ ମାରୁଙ୍କ ସହ। ଦୀପାବଳି ପୂର୍ବରୁ ଉଭୟ ପରିବାରର ମିଳାମିଶା ପରେ ବିବାହ ତାରିଖ ଦୀପାବଳି ପରେ ତଥା ନଭେମ୍ବର ୨୪କୁ ନିର୍ଦ୍ଧାରଣ କରାଯାଇଥିଲା। ଏହା ମଧ୍ୟ ସ୍ଥିର କରାଯାଇଥିଲା କି ଖୁବ୍ ଧୂମ୍‌ଧାମରେ ବିବାହ କରାଯିବ। ମାତ୍ର ୮ ତାରିଖରେ ୫୦୦ ଓ ୧୦୦୦ ଟଙ୍କିଆ ଅଚଳ ଉପରେ ଭାଷଣ ଶୁଣିବା ପରେ ଚିନ୍ତାରେ ଆସିଯାଇଥିଲେ ଉଭୟ ପରିବାର। ଜାକଜମକରେ କରିବାକୁ ଥିବା ବିବାହ ଆଶା ମଉଳି ଯାଇଥିଲା ସେମାନଙ୍କର। ନିର୍ଦ୍ଧାରିତ ତାରିଖ ପରିବର୍ତ୍ତେ ଅନ୍ୟ ତାରିଖରେ ବିବାହ କରିବା ପାଇଁ ଯୋଜନା କରିବାକୁ ଆରମ୍ଭ କରିଥିଲେ। କିନ୍ତୁ ସେହି ସମୟରେ ଦକ୍ଷା ଏକ ଉପାୟ ଚିନ୍ତା କରିଥିଲେ। ସେ ବିନା ଆଡମ୍ବରରେ ଭୋଜିରେ କେବଳ ଚା ଓ ପାଣିର ବ୍ୟବସ୍ଥା କରି ବିବାହ କରିବାର ପ୍ରସ୍ତାବ ପରିବାର ସଦସ୍ୟଙ୍କୁ ଦେଇଥିଲେ। ପ୍ରଥମେ ପରିବାର ଲୋକଙ୍କୁ ଦକ୍ଷାଙ୍କ ଏହି ପ୍ରସ୍ତାବ ଉଚିତ ଲାଗିନଥିଲା। କିନ୍ତୁ ବାରମ୍ବାର ବୁଝାଇବା ପରେ ସେମାନେ ରାଜି ହୋଇଥିଲେ। ପରେ ଉଭୟ ଦକ୍ଷା ଏବଂ ତାଙ୍କ ପରିବାର ସଦସ୍ୟ ମିଶି ଭାରତଙ୍କ ପରିବାର ଲୋକଙ୍କୁ ପ୍ରସ୍ତାବ ଦେଇଥିଲେ। ପ୍ରଥମେ ମଧ୍ୟ ଭାରତଙ୍କ ପରିବାର ଠାରୁ ଅନୁରୂପ ପ୍ରତିକ୍ରିୟା ମିଳିଥିଲା। ମାତ୍ର ପରେ ସେମାନେ ମଧ୍ୟ ରାଜି ହୋଇଯାଇଥିଲେ। କାରଣ ତାଙ୍କ ପାଇଁ ପିଲାମାନଙ୍କ ବିବାହ ଅଧିକ ଗୁରୁତ୍ୱ ରଖୁଥିଲା ସେଥିରେ ଖର୍ଚ୍ଚର ପରିମାଣ ନୁହେଁ। ଦୁଇ ପରିବାରର ସମ୍ମତିରେ ବିନା ଜାକଜମକରେ ବେଦ୍ ରୋଡ ଠାରେ ଥିବା ଏକ କମ୍ୟୁନିଟି ହଲ୍‌ରେ ଆୟୋଜିତ ହୋଇଥିଲା ବିବାହ। ସେଥିରେ କନ୍ୟାପକ୍ଷରୁ ପ୍ରାୟ ୫୦ ଜଣ ଓ ବର ପକ୍ଷରୁ ପ୍ରାୟ ୧୨୫ ରୁ ୧୫୦ ଜଣ ନିମନ୍ତ୍ରିତ ଅତିଥି ଯୋଗ ଦେଇଥିଲେ। ସମସ୍ତ ଅତିଥିଙ୍କୁ ଭୋଜିରେ ଦିଆଯାଇଥିଲା ଗୋଟିଏ ଗ୍ଲାସ ପାଣି ଓ କପେ ଚା। ଏପରି ବିବାହରେ ଅତିଥି ମାନେ ମଧ୍ୟ ପୂର୍ଣ୍ଣ ସମର୍ଥନ ଜଣାଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦକ୍ଷା ଓ ଭାରତଙ୍କ ଏହି ବିବାହକୁ ପ୍ରଶଂସା କରିଛନ୍ତି। ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ସେ କହିଛନ୍ତି ମୁଁ ଚାଏ ପେ ଚର୍ଚ୍ଚା ଆରମ୍ଭ କରିଥିଲି କିନ୍ତୁ ଏହି ଚା ଏବେ ବିବାହ ମଣ୍ଡପରେ ପହଞ୍ଚି ଗଲାଣି ଜାଣି ଖୁସି ଲାଗୁଛି।

# ଲାଭଦାୟକ ୱେବ୍‌ସାଇଟ୍



ଅନ୍‌ଲାଇନ୍ ସପିଂର ମଜା ଯିଏ କରିଛି ସିଏ ଜାଣିଛି । ଗୋଟିଏ କ୍ଲିକ୍‌ରେ ଜିନିଷ ପାଖରେ ଆସି ହାଜର ହୋଇଯାଏ । ନା ମୁଲେଇ କରିବାକୁ ପଡ଼ିଥାଏ ନା ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡ଼ିଥାଏ । କଥାରେ କହନ୍ତି ବାପାମା'ଙ୍କୁ ଛାଡ଼ିଦେଇ ସବୁକିଛି ଇଣ୍ଟରନେଟ୍‌ରେ ଉପଲବ୍ଧ । କିନ୍ତୁ ଆଜି ଆପଣଙ୍କୁ ଆମେ ଏପରି ଏକ ୱେବ୍‌ସାଇଟ୍ ବିଷୟରେ ଜଣାଇବୁ ଯେଉଁଥିରୁ ଆପଣ ଯାହା ଚାହିଁବେ ତାହା କିଣିପାରିବେ । ଜାପାନର ଏକ ୱେବ୍‌ସାଇଟ୍ ନ୍ତରେଣ୍ଟଏବାଇଫଅଟୋବା ଡଟ୍ କମ୍'ରେ ଆପଣଙ୍କୁ ଅନ୍ତଃବସ୍ତ୍ରଠାରୁ ଆରମ୍ଭ କରି ମା-ବାପା, ପତି-ପତ୍ନୀ ଏବଂ ପିଲା ମଧ୍ୟ ଭଡ଼ାରେ ମିଳିଥାନ୍ତି । ବର୍ତ୍ତମାନ ଜାପାନରେ ଏହି ୱେବ୍‌ସାଇଟ୍ ଅନେକ ଲୋକପ୍ରିୟ ହୋଇଗଲାଣି । ଏହି ୱେବ୍‌ସାଇଟ୍‌ଟି ଗ୍ରାହକମାନଙ୍କୁ ସମସ୍ତ ପ୍ରକାରର ସୁବିଧା ଯୋଗାଇବା ପାଇଁ ଗ୍ରାହକମାନଙ୍କଠାରୁ ମୋଟା ପରିମାଣର ଅର୍ଥ ନେଇଥାଏ । ଜାଣିରଖନ୍ତୁ ଏହି ୱେବ୍ ସାଇଟ୍‌ରେ କ'ଣ ସବୁ ମିଳୁଛି ? ଯଦି ଆପଣ ଏକଲା ଅଛନ୍ତି ତେବେ ଏହି ୱେବ୍‌ସାଇଟ୍‌ଟି ଆପଣଙ୍କ ଏକୁଟିଆପଣ ଦୂର କରିବା ପାଇଁ ଗ୍ରାହକଙ୍କ ଇଚ୍ଛା ମୁତାବକ ପୁରୁଷ କିମ୍ବା ସ୍ତ୍ରୀ ବନ୍ଧୁ ମଧ୍ୟ ଉପଲବ୍ଧ କରେଇଥାଏ । ଏଠାରେ ଆପଣଙ୍କୁ ଭଲ ପାଉଥିବା ମାତା-ପିତା ମଧ୍ୟ ମିଳିଥାନ୍ତି । ଏହା ବ୍ୟତୀତ ଏହା ଏପରି ଏକମାତ୍ର ୱେବ୍‌ସାଇଟ୍ ଯାହା ଅନ୍ତଃବସ୍ତ୍ରକୁ ଭଡ଼ାରେ ଦେଇଥାଏ । ଯଦି ଆପଣ ଆପଣଙ୍କର ବୋରିଂନେସ୍‌କୁ ଦୂର କରିବାକୁ ଚାହୁଁଛନ୍ତି ତେବେ ଆବଶ୍ୟକ ହେଲେ ଏକ ଛୋଟ ସୁନ୍ଦର ଶିଶୁ ସହିତ ମଧ୍ୟ ସମୟ ଅତିବାହିତ କରିପାରିବେ । ଯଦି ଆପଣଙ୍କ ପାଖରେ ସମୟ ନାହିଁ କିମ୍ବା ଆପଣ ପିଲାଙ୍କ ସ୍କୁଲ ଘରପାଠ କରିବାରେ ସାହାଯ୍ୟ କରି ପାରୁନାହାନ୍ତି ତେବେ ଏହି ୱେବ୍‌ସାଇଟଟି ଆପଣଙ୍କ ପାଇଁ ଏପରି ଏକ ବ୍ୟକ୍ତି ଠିକ୍ କରିଦେବେ ଯିଏ ଆପଣଙ୍କ ପିଲାର ଘରପାଠ କରିବାରେ ମଧ୍ୟ ସାହାଯ୍ୟ କରିବ ।

## ଆଜିର ଭାଗ୍ୟ

**ମେଷ** — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

**ବୃଷ** — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**ମିଥୁନ** — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**କର୍କଟ** — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ସିଂହ** — ଇଚ୍ଛା ନଥିଲେ ମଧ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**କନ୍ୟା** — ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ତୁଳା** — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ବିଛା** — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**ଧନୁ** — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ମକର** — ଯେତେ ତ୍ୟାଗ ସ୍ୱିକାର କଲେ ମଧ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**କୁମ୍ଭ** — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**ମୀନ** — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

# ମୃତ୍ୟୁକୁ ନେଇ ଆତଙ୍କ



ଭୟଙ୍କର ଗାଁ ନାମ ଶୁଣିବା କ୍ଷଣି ମନରେ ଅନେକ ପ୍ରଶ୍ନ ଉଙ୍କି ମାରେ। କ'ଣ ପାଇଁ ଗାଁର ଏପରି ବିଚିତ୍ର ନାମ ରହିଛି ? ଏହା ପଛରେ ରହସ୍ୟ କ'ଣ ଜାଣିବାକୁ ମଧ ଜିଜ୍ଞାସା ଯାତ ହୋଇଥାଏ। ପଙ୍ଗାପୁରର ବଡଗାଓଁ ଭୟଙ୍କର ଗ୍ରାମ ଭାବେ ପ୍ରସିଦ୍ଧ। ଏହି ଗ୍ରାମରେ ଆଜିକୁ ୨୨ ବର୍ଷ ତଳେ ଜଣେ ବ୍ୟକ୍ତିର ମୃତୁ ଘଟିଥିଲା। ବାଶ୍ ତା' ପରେ ବିଗତ ୨୨ ବର୍ଷର ଠାରୁ ପ୍ରତି ଦଶ ଦିନ ଅନ୍ତରରେ ପ୍ରତ୍ୟେକଙ୍କ ଘରୁ ଜଣେ ଲେଖାଏଁ ସଦସ୍ୟଙ୍କର ମୃତ୍ୟୁ ହେବାରେ ଲାଗିଛି। ଗ୍ରାମବାସୀମାନେ କେବଳ ଚିନ୍ତାରେ ରହିଥାନ୍ତି ଯେ, କାହାର ମୃତ୍ୟୁ ଘଟିଲା ଏବଂ ଏବେ ଆଉ କାହାର ପାଳି ପଡିବ। ଏହାକୁ ଗ୍ରାମବାସୀଙ୍କ ଦୁର୍ଭାଗ୍ୟ କୁହାଯିବ ନା ଅନ୍ଧବିଶ୍ୱାସ ନା ଆଉ କିଛି ? ବରିଷ୍ଠ ବ୍ୟକ୍ତି, ଡାକ୍ତର ଓ ଶିକ୍ଷକ ଏସବୁ ବିଶ୍ୱାସ କରିବାକୁ ବାଧ । କିଛି ରୋଗ ନଥାଇ ଆଖି ସାମନାରେ ଭଲ ଲୋକଙ୍କର ଏଠାରେ ମୃତ୍ୟୁ ହେବାରେ ଲାଗିଛି ।




# ଜିଲ୍ଲାରେ "ଏକ ପଂଚାୟତ, ଏକ ଉତ୍ପାଦ" କାର୍ଯ୍ୟକ୍ରମର ଶୁଭାରମ୍ଭ



ବାଲେଶ୍ୱର (ପିଏନ୍)-ବାଲେଶ୍ୱର ଜିଲ୍ଲାରେ ଗତକାଲି "ଏକ ପଂଚାୟତ,ଏକ ଉତ୍ପାଦ" କାର୍ଯ୍ୟକ୍ରମରେ ଶୁଭାରମ୍ଭ ହୋଇଛି । ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନଠାରେ ଜିଲ୍ଲାପାଳ ଶ୍ରୀ ଦତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏହାର ଶୁଭାରମ୍ଭ କରାଯାଇଛି । ଜିଲ୍ଲା ପ୍ରଶାସନ ଦ୍ୱାରା ଆରମ୍ଭ ହୋଇଥିବା ଏହି ଅଭିନବ ପ୍ରୟାସ ମାଧ୍ୟମରେ ଜିଲ୍ଲାର ପ୍ରତି ପଂଚାୟତରେ ଗୋଟିଏ ଗୋଟିଏ ଉତ୍ପାଦ ଭିତିକ କ୍ଲଷ୍ଟର ପ୍ରସ୍ତୁତ କରାଯାଇ ଜିଲ୍ଲାରେ ଥିବା ୩୦ହଜାର ସ୍ୱୟଂ ସହାୟକ ଗୋଷ୍ଠୀର ମିଶନ ଶକ୍ତି ମା ମାନଙ୍କ ଆର୍ଥିକ, ସାମାଜିକ ଉନ୍ନତି ତଥା ସେମାନଙ୍କୁ ନିରନ୍ତର ଜୀବିକା ପ୍ରଦାନ କରାଯିବା ପାଇଁ ଲକ୍ଷ୍ୟ ରଖାଯାଇଛି । ଏକ ଛୋଟ ପ୍ରୟାସରୁ ଆରମ୍ଭ ହୋଇଥିବା ଅମୁଲର ସଫଳ କାହାଣୀର ଅବତାରଣା କରି ଜିଲ୍ଲାପାଳ ଶ୍ରୀ ଶିନ୍ଦେ ଜିଲ୍ଲାବାସୀ ବିଶେଷ କରି ଜିଲ୍ଲାର ମହିଳାମାନଙ୍କ ପାଇଁ ବିଭିନ୍ନ କ୍ଷେତ୍ରରେ ସୁଯୋଗ ସୃଷ୍ଟି କରିବା ପାଇଁ ନିରନ୍ତର ଉଦ୍ୟମ କରିବାକୁ ଉପସ୍ଥିତ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ । ଜିଲ୍ଲାବାସୀଙ୍କ ପାଇଁ ରୋଜଗାରର ବିଭିନ୍ନ ପନ୍ଥା ସୃଷ୍ଟି କରିବା ସହିତ ସେମାନଙ୍କୁ ଉଦ୍ୟୋଗୀ ହେବା ପାଇଁ ପ୍ରୋତ୍ସାହିତ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ମିଶନ ଶକ୍ତି ବିଭାଗ ମାଧ୍ୟମରେ ରାଜ୍ୟର ମହିଳାମାନେ ରୋଜଗାରର ବାଟ ପାଇପାରୁଥିବା ବେଳେ ପ୍ରତି ପଂଚାୟତରେ ଥିବା ସ୍ୱୟଂ ସହାୟକ ଗୋଷ୍ଠୀମାନେ କିଭଳି ଅଧିକ ରୋଜଗାରକ୍ଷମ ହୋଇପାରିବେ ସେଥିନିମନ୍ତେ ଏଭଳି ଉଦ୍ୟମ ଆରମ୍ଭ ହୋଇଛି । ସମସ୍ତ ବିଡିଓମାନଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଏବଂ ଅନ୍ୟ ବିଭାଗରେ ଥିବା ଉତ୍ପାଦ ଓ ସେବାକୁ ବିନିଯୋଗ କରାଯାଇ ପ୍ରତ୍ୟେକ ପଂଚାୟତରେ ଏସଏଚଜି ମା' ମାନଙ୍କୁ ରୋଜଗାର ତଥା କ୍ଷୁଦ୍ରଶିଳ୍ପରେ ନିୟୋଜିତ କରାଯିବ । ଏଯାବତ୍ ଜିଲ୍ଲାରେ ୩୫୬ଟି ମହାସଂଘ, ୧୫୩ଟି ଉତ୍ପାଦକ ଗୋଷ୍ଠୀ ବିଭିନ୍ନ କାର୍ଯ୍ୟ ଯଥା ସବାଇ, ଟେରାକୋଟା, ଜଉ କଣ୍ଢେଇ, ବାଉଁଶ, ନଡିଆ କତା, ନଡିଆ ତେଲ, ପଥର ମୂର୍ତ୍ତି, ସିଲେଇ, ଝୋଟ, ଚାନ୍ଦୁଆ, ଟସର, ଧାନରେ ମୂର୍ତ୍ତି, ପରିବା, ମହୁ, ଛତୁ ଆଦିରେ ଅନ୍ତର୍ଭୁକ୍ତ ଥିବା ବେଳେ ଏସବୁ ସହିତ ଅନ୍ୟାନ୍ୟ କାର୍ଯ୍ୟକୁ କିଭଳି ସମସ୍ତ ପଂଚାୟତରେ ଆଗାମୀ ୩ମାସ ମଧ୍ୟରେ ନିଶ୍ଚିତ କରାଯାଇପାରିବ ତାହା ଉପରେ ଜିଲ୍ଲାପାଳ ଜୋର ଦେଇଥିଲେ । ଗତକାଲିର ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଶ୍ରୀ ରବୀନ୍ଦ୍ର କୁମାର ସାହୁ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନୀଲୁ ମହାପାତ୍ର, ବାଲେଶ୍ୱର ଉପଜିଲ୍ଲାପାଳ ଶ୍ରୀ କିଶୋର ଚନ୍ଦ୍ର ସ୍ୱାଇଁ, ନୀଳଗିରି ଉପଜିଲ୍ଲାପାଳ ଶ୍ରୀ ଦୀପ୍ତିରଞ୍ଜନ ସେଠୀ, ଫକୀରମୋହନ ମେଡିକାଲ କଲେଜ ପ୍ରବନ୍ଧକ ଶ୍ରୀମତୀ ମନୋରମା ଭୂୟାଁ, ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀ ବିଷ୍ଣୁ ଚରଣ ସୂତାର, ଓରମାସ ଡେପୁଟୀ ସିଇଓ ଶ୍ରୀ ଜିତେନ୍ଦ୍ରିୟ ବିଶ୍ୱାଳ, ଡିପିସି-ମିଶନ ଶକ୍ତି ଶ୍ରୀ ବିଶ୍ୱଜିତ୍ ପରିଡାଙ୍କ ସମେତ ଅନ୍ୟାନ୍ୟ ଜିଲ୍ଲା ଓ ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ରାଉରକେଲା ସ୍ୱରେଜ୍ ପ୍ରକଳ୍ପରେ ଦୁର୍ନୀତି ଓ ଅନିୟମିତତା ନେଇ ଏଡିଏମ୍‌ଙ୍କୁ ସାକ୍ଷାତ କଲା ଜିଲ୍ଲା କଂଗ୍ରେସ

ରାଉରକେଲା (ପିଏନ୍): ରାଉରକେଲା ସ୍ୱରେଜ୍ ପ୍ଲାଣ୍ଟ ପ୍ରକଳ୍ପରେ ହୋଇଥିବା ବ୍ୟାପକ ଦୁର୍ନୀତି, ଅନିୟମିତତା ତଥା ବୋର୍ଡ କର୍ତ୍ତୃପକ୍ଷଙ୍କ ତରଫରୁ ଠିକା ସଂସ୍ଥା ଏଲ୍‌ଆଣ୍ଡଟି କମ୍ପାନୀ ବେଆଇନ୍ ଭାବେ ଯୋଗାଇ ଦିଆଯାଉଥିବା ସୁବିଧା ସମ୍ପର୍କରେ ଜିଲ୍ଲା କଂଗ୍ରେସ ତରଫରୁ ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ତଥା ମହାନଗର ନିଗମର କମିଶନର ଡ.ଶୁଭଙ୍କର ମହାପାତ୍ରଙ୍କୁ ସାକ୍ଷାତ କରି ସମସ୍ତ ବିଷୟ ଅବଗତ କରାଯାଇଛି । ପ୍ରାୟ ୩୪୮ କୋଟି ଟଙ୍କା ବ୍ୟୟ ମୁରୀରେ ଗତ ୨୦୧୭ ମସିହାରେ ଏହି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରାଯାଇ ୨୦୨୦ ଜାନୁୟାରୀ ସୁଦ୍ଧା କାର୍ଯ୍ୟ ସାରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲେ ହେଁ ଅଦ୍ୟାବଧି ତାହା ସମ୍ପୂର୍ଣ୍ଣ ହୋଇ ନାହିଁ । ଯେଉଁ କାର୍ଯ୍ୟ ହାତକୁ ନିଆଯାଇଛି ସେଥିରୁ ବର୍ତ୍ତମାନ ସୁଦ୍ଧା ୨୦ ପ୍ରତିଶତ ବାକି ଥିବାବେଳେ ଯେଉଁ କାମ କରାଯାଇଛି ତାହା ଅତ୍ୟ' ନିମ୍ନମାନର ହୋଇଥିବାରୁ ତାହା ସହରବାସୀଙ୍କ ପାଇଁ ସର୍ବଦା ସମସ୍ୟା ସୃଷ୍ଟି କରୁଛି ବୋଲି କଂଗ୍ରେସ ନେତୃବୃନ୍ଦ ଅତିରିକ୍ତ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛଁ । ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ପ୍ରଦତ୍ତ ଏକ ସ୍ମାରକପତ୍ରରେ କୁହାଯାଇଛି ଯେ, ମୁଖ୍ୟମାର୍ଗର ତାରିଣୀ ମନ୍ଦର ଠାରୁ ରଘୁନାଥପାଲ୍ଲୀ ଥାନା ପର୍ଯ୍ୟ' ଓ ଏସ୍‌ଟିଆଇ ଓଭରବ୍ରିଜ ଠାରୁ ବିରଜାପାଲ୍ଲୀ ଓଭର ବ୍ରିଜ୍ ପର୍ଯ୍ୟ' ସ୍ୱରେଜ୍ ପାଇପ୍ ବିଛାଯାଇ ନାହିଁ । ସେହିପରି ଛେଣ୍ଡ ଭିଏସ୍‌ଏସ୍ ମାର୍କେଟ ଛକଠାରୁ ବିଏସ୍‌ଏନ୍‌ଏଲ ଛକ ପର୍ଯ୍ୟ' ଉଭୟ ପାର୍ଶ୍ୱରେ ମଧ ପାଇପ୍ ବିଛାଯାଇ ନାହିଁ । ମୂଳ ଡ୍ରେଇଁରେ ପାଇପ୍ ବିଛାଇବା ବ୍ୟବସ୍ଥା ଥିଲେ ହେଁ କାହିଁକି ଏଠାରେ ପାଇପ୍ ବିଛାଯାଇ ନାହିଁ ଓ ଏ ବାବଦ ଅର୍ଥ କୁଆଡେ ଗଲା ତାହା ଅନୁଧ୍ୟାନ କରିବାକୁ ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି । ସେହିପରି ଯେଉଁ ପାଇପ୍ ବିଛା କାର୍ଯ୍ୟ କରାଯାଇଛି ଏଥିରେ ଆବଶ୍ୟକୀୟ ଗ୍ରାନାଇଟ୍ ପଥର ଚିପ୍‌ସ ଓ ଆବଶ୍ୟକୀୟ ବାଲି ଭର୍ତ୍ତି କରାଯାଇନଥିବାରୁ ବିଭିନ୍ନ ସ୍ଥାନରେ ରାସ୍ତା ଦବିଯାଉଥିବା ଦେଖାଯାଉଛି । ଯାହାର ଉଦାହରଣ ହେଉଛି ଜୋଲ୍ ରୋଡ୍, ଛେଣ୍ଡ ମୁଖ୍ୟମାର୍ଗ, ଆଇଟିଆଇ କଳିଙ୍ଗ ବିହାର ରାସ୍ତା, ବାସ୍'ୀ ପାଣି ଟାଙ୍କି ରାସ୍ତା ଇତ୍ୟାଦି । ଅତ୍ୟ' ନିମ୍ନମାନର କାର୍ଯ୍ୟ କରାଯାଇ ପାଇପ୍ ଲାଇନର ମେନ୍ ହୋଲ ନିର୍ମାଣ କରାଯାଇଥିବାରୁ ସେଗୁଡିକ କେଉଁଠି ରାସ୍ତା ଉପରେ ତ ଆଉ କେଉଁଠି ରାସ୍ତା ତଳେ ରହିଛି । ଫଳରେ ପ୍ରତିଦିନ ଛୋଟବଡ ଦୁର୍ଘଟଣାର କାରଣ ସାଜୁଛି । ପାଇପ୍ ବିଛା କାର୍ଯ୍ୟ ପରେ ରାସ୍ତା ନିର୍ମାଣ କରି ୫ ବର୍ଷ ପାଇଁ ମରାମତି ଓ ରକ୍ଷଣାବେକ୍ଷଣର ଦାୟିତ୍ୱ ଠିକା ସଂସ୍ଥା ଏଲ୍‌ଆଣ୍ଡଟି କମ୍ପାନୀର ହୋଇଥିବା ବେଳେ ସମ୍ପ୍ରତି ଦବିଯାଉଥିବା ଓ ଭୁଷୁଡି ପଡୁଥିବା ରାସ୍ତାଗୁଡିକୁ କାହିଁକି ଆର୍‌ଏମ୍‌ସି ନିର୍ମାଣ କରୁଛି ବୋଲି ଦଳ ତରଫରୁ ପ୍ରଶ୍ନ କରାଯାଇ ଏହାର ଅନଧାନ କରିବାକୁ ଅତିରିକ୍ତ ଜିଲ୍ଲାପାଳଙ୍କୁ ଅନୁରୋଧ କରାଯାଇଛି । ଛେଣ୍ଡ ବାଗୁଡି ବସ୍ତି ଓ ବ୍ୟାଙ୍କ କଲୋନୀରେ ସ୍ୱରେଜ୍ ପାଇପ୍ ବିଛାଇବା ପାଇଁ ମୂଳ ଡ୍ରେଇଁରେ ବ୍ୟବସ୍ଥା ନଥିବା ବେଳେ ଏ ଅଞ୍ଚଳରେ ପ୍ରାୟ ୩୦ ଲକ୍ଷ ଟଙ୍କାର ପାଇପ୍ ବିଛାଯାଇ ପରିତ୍ୟକ୍ତ ଅବସ୍ଥାରେ ଛାଡି ଦିଆଯାଇଛି । ଏହି ପାଇପ୍ ଲାଇନ୍‌କୁ କୌଣସି ମୁଖ୍ୟ ପାଇପ୍ ଲାଇନ୍ ସହିତ ସଂଯୋଗ କରାଯାଇନଥିବାରୁ ଏହି ପାଇପ୍ ବିଛା କାର୍ଯ୍ୟ ନଷ୍ଟ ହେବା ସହିତ ଏ ବାବଦରେ ବୋର୍ଡର ବିପୁଳ ଅର୍ଥ ନଷ୍ଟ ହେବାକୁ ଯାଉଥିବା ଏହାର ଆବଶ୍ୟକୀୟ ଅନୁଧ୍ୟାନ ପାଇଁ ଅନୁରୋଧ କରାଯାଇଛି । ଅପରପକ୍ଷରେ ଉକ୍ତ ଅଞ୍ଚଳରେ ପାଇପ୍ ବିଛା ବାବଦକୁ ଗୁଡାଏ ମିଥ୍ୟା ବିଲ୍ ପ୍ରସ୍ତୁତ କରାଯାଇ ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ୍ କରାଯାଇଥିବା କଂଗ୍ରେସ ତରଫରୁ ଅଭିଯୋଗ କରାଯାଇଛି । ପ୍ରତ୍ୟେକ ବାସଗୃହକୁ ସ୍ୱରେଜ୍ ସଯୋଗୀକରଣ ପାଇଁ ସରକାର କିଛି ନିର୍ଦ୍ଦେଶନାମା ଜାରି କରିନଥିବା ବେଳେ ସ୍ଥାନୀୟ ସ୍ୱରେଜ୍ ବୋର୍ଡ କର୍ତ୍ତୃପକ୍ଷ ତାଙ୍କର କିଛି ପୋଷା ଠିକାଦାର ମାଧ୍ୟମରେ ବେଆଇନ୍ ଭାବେ ସ୍ୱରେଜ୍ ସଂଯୋଗୀକରଣ ପାଇଁ ଘର ପିଛା ୨୫ରୁ ୪୦ ହଜାର ଟଙ୍କା ଆଦାୟ କରୁଛଁ । ତେଣୁ ଏହା ମଧ ଅନୁଧ୍ୟାନ ସାପେକ୍ଷ ବୋଲି କଂଗ୍ରେସ ତରଫରୁ କୁହାଯାଇଛି । ସେହିପରି ବୋର୍ଡ କର୍ତ୍ତୃପକ୍ଷଙ୍କ ଦ୍ୱାରା ନିର୍ମିତ ସ୍ୱରେଜ୍ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ପରିସରରେ ଏଲ୍‌ଆଣ୍ଡଟି କମ୍ପାନୀ ୨ ବର୍ଷ ହେଲା ନିଜ କାର୍ଯ୍ୟାଳୟ ଚଳାଉଥିବା ବେଳେ ୨ଟି କୋଠାକୁ ତାର କର୍ମଚାରୀଙ୍କ ପାଇଁ ଅତିଥି ଭବନ ଭାବେ ବ୍ୟବହାର କରୁଛ । ଏହାର ଭଡା ବାବଦକୁ ଟଙ୍କାଟିଏ ଏଲ୍‌ଆଣ୍ଡଟି କମ୍ପାନୀର ବିଲ୍‌ରୁ କଟାଯାଉନଥିବା ବେଳେ କୋଠାରେ ପାଣି ଓ ବିଜୁଳି ବିଲ୍ ବାବଦକୁ ମାସିକ ଲକ୍ଷାଧିକ ଟଙ୍କା ବୋର୍ଡ କର୍ତ୍ତୃପକ୍ଷ ଭରଣା କରୁଛଁ । ସ୍ୱରେଜ୍ ବୋର୍ଡ କର୍ତ୍ତୃପକ୍ଷ ଏଲ୍‌ଆଣ୍ଡଟି କମ୍ପାନୀ ପ୍ରତି କାହିଁକି ଏପରି ଅହେତୁକ ଅନୁକମ୍ପା ପ୍ରଦର୍ଶନ କରି ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହାନୀ କରୁଛଁ ତାହା ତଦ' ସାପେକ୍ଷ ବୋଲି ସ୍ମାରକପତ୍ରରେ କୁହାଯାଇଛି । ତେବେ ସ୍ୱରେଜ୍ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ତଦାରଖ ପାଇଁ ରାଜ୍ୟ ସରକାର ସିଙ୍ଗାପୁରର ମେନ୍‌ହରଡାଟ୍ ପ୍ରାଇଭେଟ୍ କମ୍ପାନୀକୁ ୩୪ କୋଟି ଟଙ୍କାରେ ଚୁକ୍ତିବଦ୍ଧ କରିଥିବା ବେଳେ ଉକ୍ତ ସଂସ୍ଥା କ'ଣ ତଦାରଖ କରି କି ରିପୋର୍ଟ ଦେଇଛି ଓ କେତେ ଅର୍ଥ ସେ ବାବଦରେ ସରକାରଙ୍କ ଠାରୁ ନେଇଛି ତାହା ତଦ' ସାପେକ୍ଷ ବୋଲି ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି । ସମ୍ପ୍ରତି କାର୍ଯ୍ୟ ଅଧପ'ରିଆ ଅବସ୍ଥାରେ ଥିବାବେଳେ ସ୍ୱରେଜ୍ ବୋର୍ଡ କର୍ତ୍ତୃପକ୍ଷ ଏଲ୍‌ଆଣ୍ଡଟି କମ୍ପାନୀକୁ କାର୍ଯ୍ୟ ସମ୍ପୂର୍ଣ୍ଣ ହେବାର ପ୍ରମାଣପତ୍ର ଦେବା ପାଇଁ ପ୍ରସ୍ତୁତି ଚଳାଇଛଁ । ତେଣୁ ଏହି ଘଟଣାରେ ଅତିରିକ୍ତ ଜିଲ୍ଲାପାଳ ହସ୍ତକ୍ଷେପ କରି ସମସ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ ନ ହେବା ପର୍ଯ୍ୟ' ପ୍ରକଳ୍ପର ହସ୍ତା'ର ପ୍ରକ୍ରିୟା ବନ୍ଦ ରଖିବାକୁ ସ୍ମାରକପତ୍ରରେ କଂଗ୍ରେସ ତରଫରୁ ଉଲ୍ଲେଖ କରାଯାଇଛି । ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ତଥା ରାଉରକେଲାର ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ବିରେନ ସେନାପତି, ବରିଷ୍ଠ ଉପସଭାପତି ଦେବବ୍ରତ ବିହାରୀ, ଅନ୍ୟତମ ଉପସଭାପତି ସ'ୋଷ ବିଶ୍ୱାଳ ଓ କୀର୍ତ୍ତନ ଦାସ, ପୂର୍ବତନ କାର୍ଯ୍ୟକାରୀ ସଭାପତି ସବୀର ହୁସେନ, ପୂର୍ବତନ ପିସିସି ସମ୍ପାଦକ ଗଣେଶ ପ୍ରଧାନ, ଲିଗାଲ ସେଲ୍ ଅଧକ୍ଷ ବିସ୍ମୟ ଦାସ, ଅସଙ୍ଗଠିତ ଶ୍ରମିକ କଂଗ୍ରେସ ଅଧକ୍ଷ ନିହାର ଦାସ, ମହିଳା କଂଗ୍ରେସ ସଭାନେତ୍ରୀ ନିରୂପମା ବଳିୟାରସିଂ, ମୁଖପାତ୍ର କୈଳାସ ସାହୁ, ବ୍ଲକ୍ କଂଗ୍ରେସ ସଭାପତି ପ୍ରଦ୍ୟୁମ୍ନ ଷଡଙ୍ଗୀ, ପୂର୍ବତନ ବ୍ଲକ୍ ସଭାପତି ବିନୋଦ ବିହାରୀ ପଟ୍ଟନାୟକ, ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ତୁଳସୀ ନାଗ, କାର୍ଯ୍ୟନିର୍ବାହୀ ସଦସ୍ୟ ଭାସ୍କର ଖିଲ୍ଲାର, ଦିଲ୍ଲୀପ ଜେନା, ସେବାଦଳର ବୁଲୁ ଦାସ, ନରେନ୍ଦ୍ର ବର୍ମା ପ୍ରମୁଖ ଉପସ୍ଥିତ ରହି ସ୍ମାରକପତ୍ର ପ୍ରଦାନ ସହିତ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ବୋଲି ଦଳ ତରଫରୁ ଏକ ପ୍ରେସ୍ ବିବୃତିରେ କୁହାଯାଇଛି ।

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅଙ୍ଗନୱାଡ଼ି କର୍ମୀଙ୍କ ବିକ୍ଷୋଭ ପ୍ରଦର୍ଶନ

ଖୋର୍ଦ୍ଧା (ପିଏନ୍)- ଭାରତୀୟ ମଜଦୁର ସଂଘ ଦ୍ୱାରା ପରିଚାଳିତ ଅଲଓଡ଼ିଶା ଅଙ୍ଗନୱାଡ଼ି ଲେଡ଼ିଜ ୱାର୍କରସ ଆସୋସିଏସନ୍ ନିଷ୍ପତି କ୍ରମେ ଖୋରଧା ଜିଲ୍ଲା ତରଫରୁ ତା.୦୭.୦୪.୨୦୨୨ରିଖରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ଜରିଆରେ ୧୫ ଦଫା ଦାବୀ ପତ୍ର ପ୍ରଦାନ କରାଯାଇଥିଲା । ଦାବୀ ଗୁଡ଼ିକ ହେଲା ସରକାରୀ କର୍ମଚ଼ରୀର ମାନ୍ୟତା ଦିଆଯାଉ, ଯେ ପର୍ଯ୍ୟନ୍ତ ଦିଆ ନଯାଇଛି ସେ ପର୍ଯ୍ୟନ୍ତ ଅଙ୍ଗନୱାଡ଼ି କର୍ମୀଙ୍କୁ ୨୧ହଜାର ଓ ସହାୟିକାଙ୍କୁ ୧୫ହଜାର ଟଙ୍କା ଦିଆଯାଉ । ୨୦୧୯ରେ ଘୋଷଣା କରାଯାଇଥିବା ଅବସର କାଳୀନ ସହାୟତା ରାଶି ଯୋଗାଇ ଦିଆଯାଉ ଓ ସମୟ ଅନୁସାରେ ଅବସରକାଳୀନ ସହାୟତା ୫ ଲକ୍ଷକୁ ବୃଦ୍ଧି କରାଯାଉ । ଆନ୍ଦୋଳନ ସମୟରେ କାର୍ଯ୍ୟରୁ ବହିଷ୍କୃତ ୭ଜଣ କର୍ମୀଙ୍କୁ ପୁନଃ ନିଯୁକ୍ତି ଦିଆଯାଉ । ୨୦୨୦ ନୂତନ ଶିକ୍ଷା ନୀତି ଅନୁସାରେ କର୍ମୀମାନଙ୍କୁ ତାଲିମ ପ୍ରଦାନ କରିବା ସହିତ ପ୍ରାକ୍ ପ୍ରାଥମିକ ଶିକ୍ଷକର ମାନ୍ୟତା ଦିଆଯାଉ । ମିନି ଅଙ୍ଗନୱାଡ଼ି କର୍ମୀର ମାନ୍ୟତା ଦିଆଯାଉ । ଅଙ୍ଗନୱାଡ଼ି କର୍ମୀ ଓ ମୀନି ଅଙ୍ଗନୱାଡ଼ି କର୍ମୀମାନଙ୍କୁ ଶତପ୍ରତିଶତ ସୁପରଭାଇଜର ପଦନ୍ନତି ଦିଆଯାଉ । ବାହାରୁ ନ ନେଇ ବରିଷ୍ଠତା ଭିତିରେ ସ୍ନାତକ ଡ଼ିଗ୍ରୀ ହାସଲ କରିଥିବା ସୁପର ଭାଇର୍ଜର ଭାବରେ ନିଯୁକ୍ତି ଦିଆଯାଉ । କରୋନା ସମୟରେ ମୃତ୍ୟୁ ବରଣ କରିଥିବା ସହାୟିକାଙ୍କୁ ଭାରତ ସରକାରଙ୍କ ଘୋଷିତ ୫୦ ଲକ୍ଷ ଟଙ୍କା ବୀମା ଓ ୨୪ ମଇ ୨୦୨୧ରେ ରାଜ୍ୟ ସରକାର ଘୋଷିତ ୬୦ବର୍ଷ ପର୍ଯ୍ୟନ୍ତ ୭୫୦୦ ଓ ପରିବାର ଜଣଙ୍କୁ ନିଯୁକ୍ତି ଦିଆଯାଉ । ବଜାର ଦରଦାମ ବୃଦ୍ଧିକୁ ଦୃଷ୍ଟିରେ ରଖି ଗରମ ରନ୍ଧା ଖାଦ୍ୟର ମୂଲ୍ୟ ବୃଦ୍ଧି କରାଯାଉ । ଅଙ୍ଗନୱାଡ଼ି କର୍ମୀମାନଙ୍କୁ ବରିଷ୍ଠତା ଭିତିରେ ଦରମା ବୃଦ୍ଧି କରିବା ସହିତ ବର୍ଦ୍ଧିତ ଦରମା ଦିଆଯାଉ । ପୋଷଣ କାର୍ଯ୍ୟ ଓ ସମସ୍ତ ଅନ୍‌ଲାଇନ କାର୍ଯ୍ୟ ସଠିକ୍ ତଥା ଠିକ୍ ଭାବରେ କରିବା ପାଇଁ ଉନ୍ନତମାନର ମୋବାଇଲ ଯୋଗାଇ ଦିଆଯାଉ । ଏତତ୍ ସହିତ ଖୋରଧା ଉପଜିଲ୍ଲାପାଳ ସରକାରଙ୍କର ନିର୍ଦ୍ଦେଶ ନାମାକୁ ଉଲଘଂନ କରି ଖୋରଧାରେ ୩ଜଣ ସହାୟିକା ଓ ଜଣେ କର୍ମୀଙ୍କୁ ୬୨ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟ କରିବାକୁ ଅନୁମତି ନ ଦେଇ ୬୦ ବର୍ଷରେ ବିନା ସୂଚନାରେ ବହିଷ୍କୃତ କରିଥିବାରୁ ଏହାର ପ୍ରତିବାଦରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ଉପଜିଲ୍ଲାପାଳ ନିଜ ପଦବୀ ଅପବ୍ୟବହାର କରିବା ଓ ଖୋରଧା ସିଡ଼ିପିଓଙ୍କ ଭୁଲ ପଦକ୍ଷେପ ଘଂଟ ଘୋଡ଼ାଇ ତାଙ୍କୁ ସୁରକ୍ଷା ଦେଇଥିବା କଥା ବକ୍ତବ୍ୟରେ କୁହାଯାଇଥିଲା । ସରକାରଙ୍କ ଦ୍ୱାରା ଘୋଷିତ ୬୦ବର୍ଷରୁ ୬୨ବର୍ଷକୁ ଅଣଦେଖା କରି ଉପଜିଲ୍ଲାପାଳ ସାମ୍ବିଧାନିକ ନୀତି ନିୟମକୁ ପାଦରେ ଦଳି ଚକଟି ସେମାନଙ୍କର ଅଧିକାରକୁ ପାଇବା ପାଇଁ ବଂଚିତ କରିଥିବାରୁ ଜିଲ୍ଲା ସଭା ନେତ୍ରୀ ପ୍ରଭାତୀ ମଙ୍ଗରାଜ ଓ ସମ୍ପାଦିକା ବିନୀତାଞ୍ଜଳୀ ଦାସଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଆୟୋଜିତ କରାଯାଇଥିଲା । ଏଥିରେ ସଂଘର କୋଷାଧକ୍ଷ କୁଞ୍ଜଲତା ଦାସ ଭାରତୀୟ ମଜଦୁର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଜୟ ପାତ୍ର ପାଟିଲ ରେଲୱେ ମଜଦୁର ସଂଘର ଉପଦେଷ୍ଟା ଶ୍ରୀରଂଜନ ମଙ୍ଗରାଜ ଖୋରଧା ଜିଲ୍ଲା ବି.ଏମ.ଏସ୍‌ର ସହସମ୍ପାଦକ ପାର୍ଥଶାରଥୀଙ୍କ ସହିତ ଖୋରଧା ଜିଲ୍ଲାର ଅଙ୍ଗନୱାଡ଼ି ସଂଗଠନର ବ୍ଲକ୍ ପଦାଧିକାରୀଙ୍କ ସହିତ ଶତାଧିକ କର୍ମୀ ଓ ସହାୟିକା ସାମିଲ ଥିଲେ ।

# ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧନା



କୋଣାର୍କ (ପିଏନ୍): ସମାଜରେ ଶିକ୍ଷାର ବିକାଶ ପାଇଁ ଜଣେ ଅବସରପ୍ରାପ୍ତ ଶିକ୍ଷକ ନିଜକୁ ଆଜୀବନ ସମର୍ପିତ କରିବା ଉଚିତ୍ । ଶିକ୍ଷାଦାନ କ୍ଷେତ୍ରରେ ନିଜର ପରିପକ୍ୱ ଅନୁଭୂତିକୁ ଆଜୀବନ ବାଣ୍ଟିପାରିଲେ ଜଣେ ଅବସରପ୍ରାପ୍ତ ଶିକ୍ଷକର ସ୍ୱାର୍ଥ ଓ ପରମାର୍ଥ ଉଭୟ ସାଧିତ ହୋଇଥାଏ । ଅବସର ପରବର୍ତ୍ତୀ ଜୀବନ ଶିକ୍ଷାର ବିକାଶ ପାଇଁ ନିୟୋଜିତ କରି ଜଣେ ଶିକ୍ଷକ ଆତ୍ମସଂତୁଷ୍ଟି ଲାଭ କରିଥାଏ ବୋଲି ନୟାହାଟଠାରେ ବରିଷ୍ଠ ପ୍ରଧାନଶିକ୍ଷୟିତ୍ରୀ ଟୁନରମା ସ୍ୱାଇଁଙ୍କ ଉଦ୍ଦେଶ୍ୟରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଅତିଥିମାନେ ମତପୋଷଣ କରିଛନ୍ତି । ଶନିବାର ଗୋପ ବ୍ଲକ ଅନ୍ତର୍ଗତ ଶିଂଘପାନିଆଁ ନୋଡାଲ ଉପ୍ରା ସ୍କୁଲର ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଟୁନରମା ସ୍ୱାଇଁଙ୍କୁ ଗୋପ ବ୍ଲକ୍ ଶିକ୍ଷକ ସମନ୍ୱୟ ସମିତି ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଶିକ୍ଷକ ସମନ୍ୱୟ ସମିତିର ସଭାପତି ଶିବଦତ୍ତ ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଗୋପ ବ୍ଲକର ପୂର୍ବତନ ଶିକ୍ଷାଧିକାରୀ ରମେଶ ଚନ୍ଦ୍ର ଦାଶ ମୁଖ୍ୟ ଅତିଥିରୂପେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୁରୀର ସବରେଜିଷ୍ଟ୍ରାର ପ୍ରଭାତ କୁମାର ତରାଇ ମୁଖ୍ୟବକ୍ତା ଏବଂ ସମ୍ମାନୀତ ଅତିଥିରୂପେ ମା' ମଙ୍ଗଳା ଟ୍ରଷ୍ଟବୋର୍ଡର କାର୍ଯ୍ୟନିର୍ବାହୀ ଅଧିକାରୀ ଶିକ୍ଷାବିତ୍ କୈଳାସ ଚନ୍ଦ୍ର ଦାଶ, କାକଟପୁରର ପୂର୍ବତନ ବିଇଓ ରବୀନ୍ଦ୍ର କୁମାର ଦାସ, ଅସ୍ତରଙ୍ଗର ଏବିଇଓ ମମତା ମଂଜରୀ ଦେଇ, ଅବସରପ୍ରାପ୍ତ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘର ପୁରୀ ଜିଲ୍ଲା ସଭାପତି ସୁଶାନ୍ତ କୁମାର ନାୟକ, ସଂପାଦକ ଯୁବରାଜ ବିଶ୍ୱାଳ, ସତ୍ୟନାରାୟଣ ସାହୁ ଓ ସିଆରସିସି ରବୀନ୍ଦ୍ରନାଥ ବାହିନୀପତି ଯୋଗଦେଇ ଛାତ୍ରବତ୍ସଳ ଆଦର୍ଶ ପ୍ରଧାନଶିକ୍ଷୟିତ୍ରୀ ଟୁନରମା ସ୍ୱାଇଁଙ୍କ ଗୁଣଗାନ କରିଥିଲେ । ଗୋପ ବ୍ଲକ ଶିକ୍ଷକ ସମନ୍ୱୟ ସମିତି ପକ୍ଷରୁ ଟୁନରମାଙ୍କୁ ଉତ୍ତରୀୟ, ମାନପତ୍ର ଓ ଉପଢୌକନ ପ୍ରଦାନପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ଏଥିସହ ଗୋପ ବ୍ଲକର ସେବାନିବୃତ୍ତ ଶିକ୍ଷକ ଅଚ୍ୟୁତାନନ୍ଦ ପ୍ରଧାନ, ଗଂଗାଧର ସ୍ୱାଇଁ, ଶେଖ୍ ସିରାଜୁଦ୍ଦିନ, ଗୁରୁପ୍ରସାଦ ମହାନ୍ତି, ସଂପଦ ମିଶ୍ର, ବାଙ୍କବିହାରୀ ନାୟକ, ଅଜୟ ପାଢୀ, ବନଲତା ନାୟକ, ପାର୍ବତୀ କାଣ୍ଡି, ସୌଦାମିନୀ ଦେଇ, ମଂଜୁଲତା ଦେଇ ଓ ଅସ୍ତରଙ୍ଗ ଏବିଇଓ ମମତା ମଂଜରୀ ଦେଇଙ୍କୁ ଶିକ୍ଷକ ସମନ୍ୱୟ ସମିତି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶିକ୍ଷକ ସରୋଜ କୁମାର ମିଶ୍ର ସଭାକୁ ସଂଯୋଜନା କରିଥିଲେ । ଶିକ୍ଷକ ସନାତନ ସେଠୀ, ସୁରଜିତ୍ ସାହୁ, ଶେଖ ମକସୁଦ, ବସନ୍ତ କୁମାର ମହାନ୍ତି, ନିରଂଜନ ସ୍ୱାଇଁ ଓ ଶିବନାରାୟଣ ସେନାପତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଶ୍ରୀମତୀ ସୋନିଆ ଗାନ୍ଧୀଙ୍କୁ ଏବଂ କଂଗ୍ରେସ ଦଳକୁ ନିନ୍ଦିତ ଓ ଅପମାନିତ କରିବା ବିରୋଧରେ ସତ୍ୟାଗ୍ରହ

ଭୁବନେଶ୍ୱର (ପିଏନ୍)- କେନ୍ଦ୍ର ବିଜେପି ସରକାର ନିଜ ୮ ବର୍ଷ ଶାସନର ବିଫଳତାକୁ ଲୋକଲୋଚନରୁ ଦୂରେଇ ରଖିବା ପାଇଁ ଏବଂ କଂଗ୍ରେସ ଦଳ ଓ ଶ୍ରୀମତୀ ସୋନିଆ ଗାନ୍ଧୀ ଏବଂ ରାହୁଲ ଗାନ୍ଧୀଙ୍କୁ ଜନମାନସରେ ନିନ୍ଦିତ ଓ ଅପମାନିତ କରିବାପାଇଁ ନରେନ୍ଦ୍ର ମୋଦି, ଅମିତ ଶାହା ଯେଉଁ ଅପଚେଷ୍ଟା ଚଳାଇଛନ୍ତି ତାହାର ପ୍ରତିବାଦ କରିବାପାଇଁ ଆସନ୍ତା ୨୬ ତାରିଖ ମଙ୍ଗଳବାର ସକାଳ ୧୦ ଘଟିକା ସମୟରେ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟ ସମ୍ମୁଖରେ ନିଖିଳ ଭାରତ କଂଗ୍ରେସ କମିଟିର ନିର୍ଦ୍ଦେଶ ଓ ଶ୍ରୀ ଶରତ ପଟ୍ଟନାୟକଙ୍କ ଆହ୍ୱାନକ୍ରମେ ସତ୍ୟାଗ୍ରହ ଅନୁଷ୍ଠିତ ହେବ । ଏହି କାର୍ଯ୍ୟକ୍ରମରେ ସାଂସଦ/ବିଧାୟକ/ରାଜ୍ୟସ୍ତରୀୟ ନେତୃବୃନ୍ଦ/ପୂର୍ବତନ ସାଂସଦ ଓ ବିଧାୟକ/ସାଂସଦ ପ୍ରାର୍ଥୀ/ବିଧାୟକ ପ୍ରାର୍ଥୀ/ ଜିଲ୍ଲା କଂଗ୍ରେସ କମିଟି ସଭାପତି ଓ ପଦାଧିକାରୀ ଅଂଶଗ୍ରହଣ କରିବାପାଇଁ ନିବେଦନ କରିଛନ୍ତି । ସ୍ମରଣଥାଉ କି ନେସନାଲ ହେରାଲ୍ଡ ଖବରକାଗଜ ମାମଲାରେ ଭାରତ ସରକାରଙ୍କର ପ୍ରବର୍ତନ ନିର୍ଦ୍ଦେଶାଳୟ ଶ୍ରୀଯୁକ୍ତ ନରେନ୍ଦ୍ର ମୋଦି ଓ ଅମିତ ଶାହାଙ୍କର ଇଙ୍ଗିତରେ ପରିଚାଳିତ ହୋଇ ଯେଉଁଭଳି ଭାବରେ ବିରୋଧିଦଳର ନେତୃବର୍ଗଙ୍କୁ ଅଯଥାରେ ବ୍ୟକ୍ତିଗତ ଆକ୍ରୋଶ ଏବଂ ଉଦ୍ଦେଶ୍ୟକୁ ସାଧିତ କରିବାପାଇଁ ଯେଉଁ ଅପଚେଷ୍ଟା କରୁଛନ୍ତି, ତାହା ବିରୋଧରେ ଏହି ସତ୍ୟାଗ୍ରହ ଅନୁଷ୍ଠିତ ହେଉଛି ବୋଲି ପିସିସି ମୁଖପାତ୍ର ରଜନୀ ମହାନ୍ତି ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି ।

# ଦଶମ ଶ୍ରେଣୀ ଛାତ୍ରୀଙ୍କୁ ଅସଦାଚରଣ ମାମଲାରେ ବିଇଓଙ୍କୁ ଘେରିଲେ ଛାତ୍ରଛାତ୍ରୀ: ଅଭିଯୁକ୍ତ ଶିକ୍ଷକ ନିଲମ୍ବିତ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡ଼ା ଜିଲ୍ଲାର ମହାକାଳପଡ଼ା ବ୍ଲକ୍ ଅନ୍ତର୍ଗତ ବିଜୟନଗରରେ ଥିବା ଏକ ବିଦ୍ୟାଳୟରେ ଜନୈକ ଦଶମ ଶ୍ରେଣୀ ଛାତ୍ରୀଙ୍କୁ ଅସଦାଚରଣ କରିଥିବା ବିଜ୍ଞାନ ଶିକ୍ଷକଙ୍କ ବିରୋଧରେ ତଦନ୍ତ କରିବାକୁ ଆସିଥିବା ବ୍ଲକ ଶିକ୍ଷାଧିକାରୀ ତନ୍ମୟ କୁମାର ବେହେରାଙ୍କୁ ଶୁକ୍ରବାର ବିଦ୍ୟାଳୟ ପରିସରରେ ଅଭିଭାବକ, ଛାତ୍ରଛାତ୍ରୀମାନେ ଘେରାଉ କରିଥିଲେ । ମୁଖ୍ୟ ଫାଟକକୁ ତାଲା ମଧ ପକାଇ ଦେଇଥିଲେ । ଏଥିସହିତ ବିଦ୍ୟାଳୟକୁ ଆସୁଥିବା ଶିକ୍ଷକ/ଶିକ୍ଷୟିତ୍ରୀମାନଙ୍କୁ ମଧ ବିଦ୍ୟାଳୟ ହତା ମଧକୁ ପୁରାଇ ଦେଇ ନ ଥିଲେ । ଅଭିଯୁକ୍ତ ଶିକ୍ଷକଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଦାବିରେ ସେମାନେ ପ୍ରାୟ ୨ ଘଣ୍ଟା କାଳ ଆନ୍ଦୋଳନ କରିଥିଲେ । ଏହି ସମୟରେ ଗଣଶିକ୍ଷା ମନ୍ତ୍ରୀ, ଜିଲ୍ଲାପାଳ, ଉପଜିଲ୍ଲାପାଳ, ଜିଲ୍ଲା ଶିକ୍ଷାଧିକାରୀଙ୍କଠାରୁ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଫୋନ ଆସିଥିଲା । ଫଳରେ ବ୍ଲକ ଶିକ୍ଷା ଅଧିକାରୀଙ୍କଠାରୁ ତଦନ୍ତ ରିପୋର୍ଟ ପାଇବା ପରେ ବାଧହୋଇ ଜିଲ୍ଲା ଶିକ୍ଷା ଅଧିକାରୀ ଅଭିଯୁକ୍ତ ଶିକ୍ଷକ ବିଶ୍ୱମ୍ଭର ପରିଡ଼ାଙ୍କୁ ନିଲମ୍ବିତ କରିଥିବା ଜଣାପଡିଛି । ସୂଚନାଯୋଗ୍ୟ ଯେ ଗତ ସୋମବାର ବିଜୟ ନଗରରେ ଥିବା ସଂପୃକ୍ତ ଉଚ୍ଚ ବିଦ୍ୟାଳୟରେ ଦଶମ ଶ୍ରେଣୀ ପିଲାଙ୍କ ପରୀକ୍ଷା ଚାଲିଥିଲା । ଏହି ସମୟରେ ବିଜ୍ଞାନ ଶିକ୍ଷକ ବିଶ୍ୱମ୍ଭର ପରିଡ଼ା ଛାତ୍ରୀ ଜଣଙ୍କୁ ପଛ ବେଞ୍ଚକୁ ଯିବା ପାଇଁ କହିଥିଲେ । ଫଳରେ ଛାତ୍ରୀ ଜଣକ ପଛ ବେଞ୍ଚକୁ ଯାଇଥିଲେ । ଏହାର ସୁଯୋଗ ନେଇ ସଂପୃକ୍ତ ଶିକ୍ଷକ ଛାତ୍ରୀଙ୍କ ସହ ଅସଦାଚରଣ କରିଥିଲେ । ଛାତ୍ରୀ ଜଣକ ଘରକୁ ଫେରିବା ପରେ ତାଙ୍କ ପରିବାର ଲୋକଙ୍କୁ ଏ ସମ୍ପର୍କରେ କହିଥିଲେ । ଫଳରେ ପରିବାର ପକ୍ଷରୁ ମଙ୍ଗଳବାର ପ୍ରଧାନଶିକ୍ଷକଙ୍କ ନିକଟରେ ଅଭିଯୋଗ କରାଯାଇଥିଲା । ଏହି ଅଭିଯୋଗପତ୍ରକୁ ପ୍ରଧାନ ଶିକ୍ଷକ ବ୍ଲକ ଶିକ୍ଷା ଅଧିକାରୀ ଓ ଜିଲ୍ଲା ଶିକ୍ଷାଧିକାରୀଙ୍କ ନିକଟକୁ ପଠାଇଥିଲେ । ପରଦିନ ଅର୍ଥାତ ବୁଧବାର ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ । ପୋଲିସ ତଦନ୍ତ ଆରମ୍ଭ କରିଥିବା ବେଳେ ଅଭିଯୁକ୍ତ ଶିକ୍ଷକଙ୍କୁ ଗୁରୁବାର ରାଜନଗରକୁ ବଦଳି କରାଯାଇଥିଲା । ଏହାକୁ ନେଇ ଜନଅସନ୍ତୋଷ ବଢିଥିଲା । ଫଳରେ ଘଟଣାର ତଦନ୍ତ ପାଇଁ ବିଇଓ ତନ୍ମୟ କୁମାର ବେହେରା ଶୁକ୍ରବାର ବିଦ୍ୟାଳୟକୁ ଆସିଥିଲେ । ଆନ୍ଦୋଳନ ଖବର ପାଇ ବିଦ୍ୟାଳୟ ପରିସରକୁ ଆସିଥିବା ମହାକାଳପଡ଼ା ଥାନାଧିକାରୀ ମନୋରଞ୍ଜନ ଚୌଧୁରୀଙ୍କୁ ଛାତ୍ରଛାତ୍ରୀମାନେ ନିବେଦନ କରିଥିଲେ ଅଭିଯୁକ୍ତ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ । ଏପରିକି ଅଭିଯୁକ୍ତ ଶିକ୍ଷକଙ୍କୁ ଗିରଫ କରିବା ପାଇଁ ଛାତ୍ରଛାତ୍ରୀମାନେ ପୋଲିସର ଗୋଡ଼ ଧରିଥିଲେ । ଦୁଇଦିନ ମଧରେ ଅଭିଯୁକ୍ତ ଶିକ୍ଷକ ଗିରଫ ହେବେ ବୋଲି ଥାନାଧିକାରୀ ପ୍ରତିଶ୍ରୁତି ଦେବାରୁ ପରିସ୍ଥିତି ସ୍ୱାଭାବିକ ହୋଇଥିଲା ।

# ସରକାରୀ ଜମିରେ ବେଆଇନ୍ ଚିଙ୍ଗୁଡି ଘେରି

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡ଼ା ଜିଲ୍ଲାର ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ଜମ୍ବୁ ପଞ୍ଚାୟତର କଣ୍ଡରାପାଟିଆରେ ୧୭୦ ଏକର ସରକାରୀ ଜମିକୁ ଜବରଦଖଲ କରି ଚିଙ୍ଗୁଡ଼ି ଚାଷ କରିଥିବା ଚିଙ୍ଗୁଡି ମାଫିଆ ଓ ପ୍ରଶାସନ ମଧ୍ୟରେ ଶୁକ୍ରବାର ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଛି । ଚିଙ୍ଗୁଡି ମାଫିଆମାନେ କହିଥିଲେ ଯେ ଏହି ଜମିକୁ ସେମାନେ ପଟ୍ଟା କରିଛନ୍ତି । ମାଫିଆମାନେ ୨୦୧୦ ମସିହା ପରଠାରୁ ପଟ୍ଟା କରି ଏଠାରେ ଚିଙ୍ଗୁଡି ଚାଷ କରୁଛନ୍ତି । ତେଣୁ ଏହି ଜମି ସେମାନଙ୍କର । କିନ୍ତୁ ତହସିଲଦାର ଏହି ପଟ୍ଟାକୁ ରଦ୍ଦ କରି ଦେଇଛନ୍ତି । ଏହା ଜଙ୍ଗଲ ଜମି । ତେଣୁ ଏହାକୁ କେହି ପଟ୍ଟା କରି ନେଇପାରିବେ ନାହିଁ ବୋଲି ପ୍ରଶାସନ କହିଥିଲା । ୨୦୦୯-୧୦ ମସିହାରେ ଏହି ଜମିରେ ଲୁଣା ଜଙ୍ଗଲ ସୃଷ୍ଟି କରାଯିବା ପାଇଁ ଚାରା ରୋପଣ କରାଯାଇଥିଲା । ହେଲେ ଏହି ଚାରା ବଞ୍ଚି ନଥିଲା । ଫଳରେ ଏହାପରେ ଏହି ଜମିକୁ ଚିଙ୍ଗୁଡି ମାଫିଆମାନେ ଜବରଜଖଲ କରି ଚିଙ୍ଗୁଡି ଚାଷ କରୁଥିଲେ । ଏବେ ସେହି ଜମିରେ ପ୍ରଶାସନ ପୁନର୍ବାର ଲୁଣା ଜଙ୍ଗଲ ସୃଷ୍ଟି କରିବା ପାଇଁ ପ୍ରୟାସ କରି ଜେସିବି ଦ୍ୱାରା ନାଳ ଖୋଳିବାକୁ ଶୁକ୍ରବାର ଆସିଥିଲା । କାରଣ ଏହି ଜମିକୁ ଲୁଣାପାଣି ନମାଡିଲେ ଲୁଣା ଜଙ୍ଗଲ ସୃଷ୍ଟି ହୋଇ ପାରିବ ନାହିଁ । କିନ୍ତୁ ଏହାକୁ ମାଫିଆମାନେ ବିରୋଧ କରିଥିଲେ । ଫଳରେ ୨ ପ୍ଲାଟୁନ୍ ପୋଲିସ ଫୋର୍ସ ମଗାଯାଇଥିଲା । ପୋଲିସ ଫୋର୍ସଙ୍କ ଉପସ୍ଥିତିରେ ନଳା ଖୋଳା କାର୍ଯ୍ୟ ହୋଇଥିଲା ।



ପ୍ରଶାସନ ଭୟରେ ମାଫିଆମାନେ ଛତ୍ରଭଙ୍ଗ ଦେଇଥିଲେ । ରାଜନଗର ଡିଏଫଓଙ୍କ ନିର୍ଦ୍ଦେଶକ୍ରମେ ଜମ୍ବୁ ରେଞ୍ଜର ସାହାଜୀ ବିଶ୍ୱାଳ, କନିକା ରେଞ୍ଜର ମାନସ କୁମାର ଦାସ, ରାଜନଗର ରେଞ୍ଜର ଚିତ୍ତରଞ୍ଜନ ବେହୁରା ପ୍ରମୁଖ ଘଟଣା ସ୍ଥଳକୁ ଆସିଥିଲେ । ସେହିପରି ଜମ୍ବୁ ସାମୁଦ୍ରିକ ଥାନାଧିକାରୀ ପରେଶ ମହାନ୍ତି, ଅତିରିକ୍ତ ତହସିଲଦାର ଗଗନ ବିହାରୀ ଦାସଙ୍କ ସମେତ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ପତ୍ନୀଙ୍କୁ ମାଡ ମାରିବା ଅଭିଯୋଗରେ ସ୍ୱାମୀ ଗିରଫ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଜେନାପୁର ଥାନା ଅନ୍ତର୍ଗତ ଚାରଗୋଠ ଗ୍ରାମରେ ପତ୍ନୀକୁ ମାଡମାରିବା ଅଭିଯୋଗରେ ପୁଲିସ ସ୍ୱାମୀକୁ ଗିରଫ କରି କୋର୍ଟ ଚାଲାଣ କରିଛି । ସୂଚନା ମୁତାବକ ଏହି ଥାନା ଚାରଗୋଠ ଗ୍ରାମର ଟିଲୁଆ ମଲିକ (୩୮) ତାଙ୍କ ପତ୍ନୀ ସରସ୍ୱତୀ ମଲିକ (୩୫)ଙ୍କୁ ମାଡ ମାରିଥିଲେ । ଏସମ୍ପର୍କରେ ସରସ୍ୱତୀ ଥାନାରେ ଅଭିଯୋଗ କରିଥିଲେ । ଏଥିନେଇ ପୁଲିସ ୨୯୧/୨୨ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ସ୍ୱାମୀ ଟିଲୁଆକୁ ଗିରଫ କରି ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରିଥିବା ଥାନା ଅଧିକାରୀ ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ
ଭୁବନେଶ୍ୱର, ୨୦୨୩, ସେପ୍ଟେମ୍ବର ୩୦

# ଜନ ଆନ୍ଦୋଳନ -୧

ଲୋକଙ୍କ ଦ୍ୱାରା ପରିଚାଳିତ ଶାସନ ବ୍ୟବସ୍ଥାରେ ସାଧାରଣ ଲୋକେ ଆନ୍ଦୋଳନ କରିବେ କାହା ବିରୁଦ୍ଧରେ...??!
ଏକ ବିତର୍କ ବିହୀନ ନିଷ୍କର୍ଷ ଏହାକି ଯେଉଁଠି ଜନ ଆନ୍ଦୋଳନ ତେଜି ଉଠେ ସେଠାରେ ଗଣତନ୍ତ୍ର ନାହିଁ ବୋଲି ନିର୍ଦ୍ୱନ୍ଦରେ କହିହେବ ! କାରଣ ଲୋକତନ୍ତ୍ରରେ ଜନ ଆନ୍ଦୋଳନ କରାଯିବା ଏକ ଅଯୌକ୍ତିକ ବିଷୟ । କେବଳ ପ୍ରତିଶୋଧ ପରାୟଣ କଠୋର ଦମନଶୀଳ ଅମାନୁଷିକ ଶାସନ ତନ୍ତ୍ର ହେତୁ ନିଜର ଅଧିକାର କ୍ଷୁର୍ଣ୍ଣ ହୋଇଥିବା ମଣିଷ ସମୂହ ଗଣ ଆନ୍ଦୋଳନ କରିଥା'ନ୍ତି ଯାହା ସମ୍ପୃକ୍ତ ଦମନକାରୀ ଶାସକଙ୍କ ଇଚ୍ଛା ମୁତାବକ ସାଧାରଣ ଲୋକଙ୍କୁ ପ୍ରତାରିତ କରି ରଖିଥାଏ । ଗଣ ଆନ୍ଦୋଳନରେ ଭାଗିଦାରୀତା କରୁଥିବା ମଣିଷ ଗୁଡିକ ବିଭିନ୍ନ ବର୍ଗ, ଶ୍ରେଣୀ, ତଥା ସମ୍ପ୍ରଦାୟର ହୋଇଥା'ନ୍ତି ଯାହାଙ୍କ ଦାବି ଗୁଡିକ କେତେବେଳେ ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର କେତେକ ମଣିଷଙ୍କ ଉଦ୍ଦେଶ୍ୟରେ ହୋଇଥାଏ ତ ଆଉ କେତେବେଳେ ସାମୁହିକ ସ୍ୱାର୍ଥ କ୍ଷେତ୍ରରେ ପ୍ରଯୁଜ୍ୟ ହୋଇଥାଏ । ବ୍ୟକ୍ତିଗତ ସାମାଜିକ କ୍ଷୁର୍ଣ୍ଣତା ଉପରେ ଆଧାର କରି ସମ୍ପୃକ୍ତ ବ୍ୟକ୍ତି ବିଶେଷ କିମ୍ବା ତାଙ୍କ ପରିବାର ପ୍ରତି ହୋଇଥିବା କୌଣସି ଅନ୍ୟାୟକୁ ବିରୋଧ କରି ଗଣ ଆନ୍ଦୋଳନ ତେଜି ଉଠୁଥିବା ମଧ୍ୟ ଦେଖିବାକୁ ମିଳିଥାଏ କେତେକ ସମୟରେ । ଯାହାହେଉ କୌଣସି ବିଷୟକୁ ଆଧାର କରି ଗଣ ଆନ୍ଦୋଳନ କରାଯାଉଥିବା ଦେଖାଗଲେ ନିର୍ଦ୍ୱନ୍ଦରେ କୁହାଯାଇ ପାରିବ ଯେ ସେହି କ୍ଷେତ୍ରରେ ଗଣତନ୍ତ୍ର ବୋଲି କିଛି ନାହିଁ । ତାହା କେବଳ ସ୍ୱେଚ୍ଛାଚାରୀ ରାଜତନ୍ତ୍ର ବ୍ୟବସ୍ଥା ଅନ୍ତର୍ଗତ ଯେଉଁଠି ସାଧାରଣ ନିର୍ବୋଧ କେବଳ କ୍ରୀତଦାସ ଭଳି ପ୍ରତାରିତ ଜୀବନ ବଂଚିବାର ସୁଯୋଗ ପାଇଥା'ନ୍ତି । ନିଜସ୍ୱ ପରିଶ୍ରମକୁ ଶାସକଙ୍କୁ ପ୍ରଦାନ କରି ତାଙ୍କରି କରୁଣାରେ କିଂଚିତ ବଂଚିବାର ସୁଯୋଗ ସେମାନଙ୍କୁ ପର୍ବତାରୋହଣ କରିବା ଭଳି ଅନୁଭବ ଦେଇଥଏ କେବଳ ଶାସକଙ୍କ କ୍ରୁର କଠୋର ପ୍ରହାର ନୀତି କାରଣରୁ ।
କୌଣସି ସମୟରେ କିଛି ବିଷୟ ଆଧାରିତ ସାମାଜିକ ନ୍ୟାୟ ଦାବି କରି ତେଜି ଉଠୁଥିବା ଗଣ ଆନ୍ଦୋଳନ ମଧ୍ୟରେ ଅନେକ ମଣିଷଙ୍କ ଭାଗିଦାରୀତା ଦେଖିବାକୁ ମିଳେ ଯେଉଁଠି ସମସ୍ତଙ୍କ ଲକ୍ଷ କେବଳ ସେହି ଦାବି ଗୁଡିକ ପୁରାଣ କରିବା ଉପରେ ରହିଥାଏ । ସେହି ସମୟରେ ସମ୍ପୃକ୍ତ ଆନ୍ଦୋଳନକାରୀଙ୍କ ମଧ୍ୟରେ ଏକରୁ ଅନେକ ଦଳପତି ଦେଖିବାକୁ ମିଳିଥା'ନ୍ତି ଯାହାଙ୍କୁ ସମ୍ପୃକ୍ତ ଦଳର ହଜାର, ହଜାର ଲକ୍ଷ, ଲକ୍ଷ ସଦସ୍ୟ କେତେବେଳେ ପ୍ରତ୍ୟେକ୍ଷରେ ତ ଆଉ କେତେବେଳେ ପରୋକ୍ଷରେ ଦଳର ଦଳପତି ବୋଲି ମାନିଥା'ନ୍ତି, କେବଳ ଏକ ମାତ୍ର ଲକ୍ଷ ରଖି ଯେ ସେମାନଙ୍କ ଦାବି ପୁରାଣ ହେବ ସେମାନଙ୍କ ନେତୃତ୍ୱ ମାଧ୍ୟମରେ । ଅନ୍ୟଥା ସେହି ଦଳର ସାଧାରଣ ସଦସ୍ୟ ବୃନ୍ଦ ସେମାନଙ୍କୁ ହୁଏତ ସେହି ମାନ୍ୟତା ଦେଇନଥା'ନ୍ତେ କିମ୍ବା ସେମାନଙ୍କୁ ମାନି ନଥା'ନ୍ତେ । ଅନେକ ସମୟରେ ଦଳର ଦଳପତିଙ୍କ ନିର୍ଦ୍ଦେଶ ତଥା ତାଙ୍କରି ବିଚାରଧାରା କ୍ରମେ ଆନ୍ଦୋଳନର ପନ୍ଥା ଗୃହୀତ ହୋଇଥାଏ ସବୁ ସଦସ୍ୟଙ୍କ ଦ୍ୱାରା । ସମୟସାପେକ୍ଷ ନିଷ୍କର୍ସ ଗୁଡିଏ ବାହାର କରି ପ୍ରତିପାଦନ କରାଯାଇଥାଏ ଶାସକଙ୍କ ନିକଟରେ ଯାହାର ବିଚାର କେତେବେଳେ ଯୁକ୍ତାତ୍ମକ ହାଇଥାଏ ତ ଆଉ କେତେବେଳେ ବିଯୁକ୍ତାତ୍ମକ । ସାଧାରଣ ସଦସ୍ୟ ବୃନ୍ଦ ଆନ୍ଦୋଳନ କରୁଥିବା ବେଳେ ଦଳପତି ବୃନ୍ଦ ସମସ୍ତଙ୍କ ତରଫେ ପ୍ରତିନିଧିତ୍ୱ କରିଥା'ନ୍ତି ଶାସକଙ୍କ ସହିତ ଆଲୋଚନା କରି ନିଜର ଦାବି ପୁରାଣ କରିବା ପାଇଁ, ଏକଥା ସମସ୍ତେ ବୁଝିଛନ୍ତି, ଜାଣିଛନ୍ତି ମଧ୍ୟ । ହେଲେ ସେମାନଙ୍କ ଦାବି


ପଙ୍କଜ କୁମାର ପାଣିଗ୍ରାହୀ

ଗୁଡିକ ପୂରଣ କରିବା ଉଦ୍ଦେଶ୍ୟରେ ନିଆଯାଉଥିବା ପଦକ୍ଷେପ ଗୁଡିକ କେତେବେଳେ କେଉଁ ଦିଗରେ କାର୍ଯ୍ୟ କରିଥାଏ ସେଗୁଡିକୁ ସହଜରେ ବୁଝିପାରନ୍ତି ନାହିଁ ସାଧାରଣ ସଦସ୍ୟ ବୃନ୍ଦ, କାରଣ କ'ଣ ବିଚାର କରି ଦେଖିବା...
ଅନେକ ସମୟରେ ନିରୀହ ନିର୍ବୋଧ ସାଧାରଣ ମଣିଷ ଗୁଡିକ ନିଛନ୍ଦ ଭାବେ କାହାର ପ୍ରରୋଚନାରେ ପଡି ଅନ୍ଧ ଭଳି ଅସତ୍ୟକୁ ମଧ୍ୟ ସତ୍ୟ ବୋଲି ଗ୍ରହଣ କରୁଥିବା କୌଣସି ବିଚିତ୍ର ନୂଆ କଥା ନୁହେଁ ଆମ ସମାଜରେ ଯାହା ବୁଝିଛନ୍ତି ଜ୍ଞାନୀ ଗୁଣି ଲୋକେ ! ସେହିଭଳି ନିଜର ଦଳପତିଙ୍କ ମଧ୍ୟସ୍ଥିତାକୁ ମଧ୍ୟ ତର୍ଜମା ବିହୀନ ଗ୍ରହଣ କରୁଥିବା ଦେଖିବାକୁ ମିଳିଥାଏ ଅନେକ ସମୟରେ ସେହି ଗଣ ଧାରଣାରେ ସହଭାଗିତା କରୁଥିବା ଗୋଷ୍ଠୀଙ୍କ ମଧ୍ୟରେ । ଦଳପତି ନିଜ ଦଳର ସଦସ୍ୟ ଏବଂ ଶାସକଙ୍କ ମଧ୍ୟରେ ମଧ୍ୟସ୍ଥିତା କରି ବିଭିନ୍ନ ନିର୍ଣ୍ଣାୟକ ଗ୍ରହଣ-ପ୍ରେରଣ କରିଥା'ନ୍ତି ଦୁଇ ଗୋଷ୍ଠୀଙ୍କ ମଧ୍ୟରେ । ଏଠାରେ ଗୋଟିଏ ଉଦାହରଣ ନେଇ କିଛି ବୁଝିପାରିବେ ସେମାନେ, ହର୍ଷଦ ମେହେଟାଙ୍କ ମଧ୍ୟସ୍ଥିତା ବିଷୟକୁ ତର୍ଜମା କରି, ଯେଉଁମାନେ ଜାଣିଛନ୍ତି ହର୍ଷଦ ମେହେଟାଙ୍କ ଘୋଟଲା କାଣ୍ଡ ବିଷୟରେ । ହର୍ଷଦ ମେହେଟା ମଧ୍ୟସ୍ଥିତା କରୁଥିଲେ ଉଭୟଙ୍କ ଲାଭ ପାଇଁ, କି'ନ୍ତୁ ଦେଖୁ ଦେଖୁ ସେହି ଦୁଇ ପକ୍ଷ ବ୍ୟାପକ କ୍ଷତିରେ ପଡି ଯଥେଷ୍ଟ ଲାଭ ପାଇଗଲେ ଏହି ମହାଶୟ ଯିଏ ମଧ୍ୟସ୍ଥିତା କରୁଥିଲେ ! ଠିକ୍ ସେହିଭଳି ବହୁତ କ୍ଷେତ୍ରରେ ଏହି ମଧ୍ୟସ୍ଥିତା କରୁଥିବା ବ୍ୟକ୍ତି ଗୁଡିକ କେବଳ ନିଜର ସ୍ୱାର୍ଥ ଆଶା ରଖି ଦୁଇ ଦଳଙ୍କୁ ଭୁଆଁ ବୁଲାଉଥିବା ଦେଖିବାକୁ ମିଳିଥାଏ ବହୁତ କ୍ଷେତ୍ରରେ ଯାହା ବୁଝି ପାରନ୍ତି ନାହିଁ ଦଳର ସାଧାରଣ ନିର୍ବୋଧ ସଦସ୍ୟ ଗଣ ! ଆଉ କେତେକ ବୁଝୁଥିଲେ ମଧ୍ୟ ସେମାନଙ୍କ କଥା ଗ୍ରହଣୀୟ ହୋଇନଥାଏ ସମସ୍ତଙ୍କ ଦ୍ୱାରା, କାରଣ ସମସ୍ତେ ନିଜ ନିଜ ସ୍ୱାର୍ଥରେ ଅନ୍ଧ ହୋଇ ଚାତକ ପରି ଚାହିଁ ରହିଥା'ନ୍ତି ସତେ ଯେମିତି ତାଙ୍କ ଦଳପତି ଜଣେ ନିରୋଳା ନିଛକ ମଣିଷ ଯାହା ଦ୍ୱାରା ସେମାନେ ପାର ହୋଇଯିବେ ଜୀବନ ଯମୁନାର ଉଚ୍ଛୁଳା ନଈକୁ । ଏମିତି ବାରମ୍ବାର ବିଫଳ ହେଲେ ମଧ୍ୟ ସେମାନଙ୍କ ଆଶା ମଳିନ ହୋଇନଥାଏ କେବଳ ଦଳପତିଙ୍କ ଧୂଆଁ ବାଣ ସଦୃଶ୍ୟ ଛାନ୍ଦଭରା ପ୍ରତିଶୃତି କାରଣରୁ । ଏମିତିକି ନିଜର ଦୁଃଖ ପୁରଣ କରିବାକୁ ଆଶା ରଖି ଆହୁରି ବ୍ୟାପକ କ୍ଷତିଗ୍ରସ୍ତ ହୋଇ ଚାଲିଥିବା ଦୈନନ୍ଦିନ ବିଚାର ଗୁଡିକୁ କେବେହେଲେ ମଳିନ ନକରି ବରଂ ବ୍ୟାପକ କ୍ଷତିଗ୍ରସ୍ତ ହେଉଥିଲେ ମଧ୍ୟ ସେମାନେ ବୁଝିବାରେ ଅସମର୍ଥ ରହିଥା'ନ୍ତି ସେହି ଛାନ୍ଦଭରା କାହାଣୀକୁ ଯାହାର ଅନ୍ତ ହୁଏ ନାହିଁ କେବେ ! କି ବିଚିତ୍ର ବିଡମ୍ବନା ମଣିଷଙ୍କ ମସ୍ତିଷ୍କର ଯେ, କେତେକ ଚତୁର ଦିନରାତି ଅହରହ ଠକି ଚାଲିଛନ୍ତି ୯୯ ପାରି ନିରୀହ ନିର୍ବୋଧଙ୍କୁ ଯୁଗ ଯୁଗ ଧରି, ତଥାପି ଚେତା ନାହିଁ ଆଜି କାହାର ?!!(କ୍ରମଶଃ)

*ସୋସିଆଲ ଫୋରମ (ଭାରତ)*
*ଛତ୍ରପୁର, ଗଂଜାମ-୭୬୧୦୨୬*
*ଦୂରଭାଷ.: ୯୪୩୭୩୨୪୯୧୭*

# ହରିତ୍ କ୍ରାନ୍ତିର ଚିନ୍ତାନାୟକ

ଭାରତରେ ବହୁତ କ୍ରାନ୍ତି ହେଇଛି, ଇତିହାସ ପୃଷ୍ଠା କୁ ଅବଲୋକନ କଲେ ଆମେ ଜାଣିପାରିବା । ଆମ ସ୍ୱାଧନତା ପାଇଁ ସଶସ୍ତ୍ର କ୍ରାନ୍ତି ହେଉ କି ଅହିଂସକ କ୍ରାନ୍ତି, କି ଜୟ ପ୍ରକାଶ ନାରାୟଣ ଙ୍କ ସମ୍ପୂର୍ଣ କ୍ରାନ୍ତି କିମ୍ବା ଆନ୍ନା ହଜାରେ ଙ୍କ ଜନ ଲୋକପାଳ କ୍ରାନ୍ତି... ଏମିତି ଅନେକ କ୍ରାନ୍ତି । ଏହି ଭିତରେ ଆମେ ବହୁ ବୈଜ୍ଞାନିକ କ୍ରାନ୍ତିର ବି ସାକ୍ଷୀ ହୋଇଆସୁଛେ । ସେହି ଭିତରୁ ହରିତ୍ କ୍ରାନ୍ତି ବା ସବୁଜ କ୍ରାନ୍ତି ଏକ ବିଶେଷ ଗୁରୁତ୍ୱ ବହନ କରେ । ସେହି କ୍ରାନ୍ତି ର ଜନକ ଙ୍କୁ ଆମେ ହରେଇଲେ । ତାଙ୍କୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ପୂର୍ବକ ମୁଁ ଏହି ଆଲେଖ୍ୟ ମାଧ୍ୟମରେ ତାଙ୍କ ଶୃତିଚାରଣ କରିବାକୁ ମନସ୍ଥ କଲି ।
ଡ଼ଃ ମୋଙ୍କ ?ମ୍ବୁ ଶାମ୍ବଶିବନ ସ୍ୱାମୀନାଥନ୍, ଯିଏ ଏମ୍. ଏସ୍. ସ୍ୱାମୀନାଥନ୍ ନାମରେ ଭାରତ ସମେତ ବୈଶ୍ୱିକ କୃଷି ତଥା ବିଜ୍ଞାନ ଜଗତରେ ବେଶ୍ ଜଣାଶୁଣା ନାମଟିଏ । ତାଙ୍କର ଅଗ୍ରଗାମୀ ଅବଦାନ କେବଳ ଭାରତର କୃଷି ଦୃଶ୍ୟପଟ୍ଟକୁ ପରିବର୍ତ୍ତନ କରିନାହିଁ ବରଂ ବିଶ୍ୱ ର ଖାଦ୍ୟ ନିରାପତ୍ତା ଉପରେ ଏକ ଅମଳିନ ଛାଡିଛି । ବିଶ୍ୱରେ ସବୁଜ ବିପ୍ଳବ ର ଜନକ ନୋର୍ମନ ବୋର୍ଲ ?ଗ୍ ଙ୍କ ପଦାଙ୍କ ଅନୁସରଣ କରି ସ୍ୱାମୀନାଥନ୍ ନ୍ତଭାରତରେ ସବୁଜ ବିପ୍ଳବର ପିତାନ୍ତ ଭାବରେ ମାନ୍ୟତା ପାଇଛନ୍ତି ଏବଂ କୃଷି ବିଜ୍ଞାନ ଏବଂ ନୀତି ଜଗତରେ ଜଣେ ସମ୍ମାନିତ ବ୍ୟକ୍ତି ଅଟନ୍ତି ।
ଅଗଷ୍ଟ ୭, ୧୯୨୫ ମସିହାରେ ତାମିଲନାଡୁର କୁମ୍ଭକୋନମରେ ଜନ୍ମଗ୍ରହଣ କରିଥିବା ଡକ୍ଟର ସ୍ୱାମୀନାଥନଙ୍କ କୃଷି ବିଜ୍ଞାନ ଜଗତକୁ ଯାତ୍ରା ସ୍ଥିର ହୋଇଥିଲା । ସେ କୃଷି କ୍ଷେତ୍ରରେ ମାଡ୍ରାସ ବିଶ୍ୱବିଦ୍ୟାଳୟରୁ ସ୍ନାତକ ଡିଗ୍ରୀ ଓ କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟରୁ ଡକଟରେଟ୍ ଡ଼ିଗ୍ରୀ ହାସଲ କରିଥିଲେ । ତାଙ୍କର ଅନୁସନ୍ଧାନ ମୂଳତଃ ଉଦ୍ଭିଦ ଆନୁବଂଶିକି/ ଜେନେଟିକ୍ସ ଏବଂ ପ୍ରଜନନ ବିଜ୍ଞାନ ଉପରେ ପର୍ଯ୍ୟବେଶିତ ଥିଲା ।
ସବୁଜ ବିପ୍ଳବ ତଥା ହରିତ୍ କ୍ରାନ୍ତି ଶବ୍ଦ ତଥା ବିଚାର ସ୍ୱାମୀନାଥନଙ୍କ ମାନସ ସନ୍ତାନ କହିଲେ କିଛି ଅତିଶୟୋକ୍ତି ହେବନାହିଁ । ୧୯୬୦ ଏବଂ ୧୯୭୦ ଦଶକର ଭାରତରେ କୃଷିକ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନର ଆବଶ୍ୟକତା ଅବସମ୍ଭାବି ହୋଇପଡ଼ିଲା । ଏକ ସମୟରେ ଯେତେବେଳେ ଭାରତ ଖାଦ୍ୟ ଅଭାବର ସମ୍ମୁଖୀନ ହେଲା, ଉଚ୍ଚ ଅମଳକ୍ଷମ ଗହମ ଏବଂ ଚାଉଳ କିସମର ବିକାଶରେ ତାଙ୍କର ଅଭିନବ ଅନୁସନ୍ଧାନ ଫସଲ ଉତ୍ପାଦନରେ ଏକ ଆମୂଳଚୂଳ ପରିବର୍ତ୍ତନ ଆଣିଲା । ଉନ୍ନତ ପ୍ରଣାଳୀ କୃଷି ଅଭ୍ୟାସ ସହିତ ନୂତନ କିସମର ବୀଜ ବ୍ୟବହାର ଫସଲ ଅମଳକୁ ଯଥେଷ୍ଟ ବୃଦ୍ଧି କଲା ଏବଂ ଭାରତକୁ ଖାଦ୍ୟ ଉତ୍ପାଦନ ଆୟମ ରେ ଆତ୍ମନିର୍ଭରଶୀଳ କରିବାରେ ସାହାଯ୍ୟ କଲା । ଏହା କେବଳ ଦୁର୍ଭିକ୍ଷର ଆଶଙ୍କାକୁ ଏଡ଼ାଇ ଦେଇନାହିଁ ବରଂ ସ୍ୱାଧୀନତୋତ୍ତର ଭାରତର କୃଷିଭିତ୍ତିକ ଅର୍ଥନୀତି ଅଭିବୃଦ୍ଧିର ମୂଳଦୁଆ ପକାଇଲା ।ସବୁଜ ବିପ୍ଳବରେ ସଫଳତା ପରେ ଆହୁରି ଅନେକ କାର୍ଯ୍ୟ ଯେପରିକି କୃଷକ ଙ୍କ ମାନସିକତା ରେ ପରିବର୍ତ୍ତନ, ସରକାରୀ ନୀତିଗତ ପରିବର୍ତ୍ତନ, ଢାଞ୍ଚାଗତ ବିକାଶ ଏବଂ ବିଶ୍ୱସନୀୟତା ପାଇଁ ବହୁତ ଭବିଷ୍ୟତ କାର୍ଯ୍ୟପନ୍ଥା ସମୟାନୁକ୍ରମେ ପ୍ରଣୟନ କରାଗଲା ।
ପାରମ୍ପାରିକ କୃଷି ପଦ୍ଧତିରେ ବୁଡି ରହିଥିବା ଭାରତୀୟ କୃଷକମାନଙ୍କୁ ନୂତନ କିସମର ଗହମ ବ୍ୟବହାର ପାଇଁ ଉତ୍ସାହିତ କରାଗଲା । ୧୯୬୬ ମସିହାରେ ସ୍ୱାମୀନାଥନ ନିଜେ ନୂଆଦିଲ୍ଲୀ ଉପକଣ୍ଠରେ ଥିବା ଗ୍ରାମଗୁଡିକରେ ୨୦୦୦ ମଡେଲ୍ ଫାର୍ମ ସ୍ଥାପନ କରି କୃଷକମାନଙ୍କୁ ନୂତନ କିସମ ବିହନ ର ଗୁଣବତ୍ତା ବିଷୟରେ ପରୀକ୍ଷାମୂଳକଭାବରେ ଦର୍ଶାଇଲେ । ଧିରେ ଧିରେ କୃଷକ ସମାଜରେ ଏକ ନୂତନ ଆଶା ସଞ୍ଚାରିତ ହେଲା , ଏମିତିକି ବିହନ ର ଚାହିଦା ବଢ଼ିବାରେ ଲାଗିଲା ଯାହା


ଆଶିଷ କୁମାର ସ୍ୱାଇଁ

ଫଳରେ ଏହି ଦାରୁଣ ସମୟରେ ସୁଦୂର ମେକ୍ସିକୋ ରୁ ୧୮,୦୦୦ ଟନ୍ ବିହନ ଆମଦାନୀ ପାଇଁ ସରକାରୀ ସହଯୋଗର ଆବଶ୍ୟକତା ଉପନୀତ ହେଲା ।
ତତ୍କାଳୀନ ପ୍ରଧାନମନ୍ତ୍ରୀ ଶ୍ରୀ ଲାଲ ବାହାଦୂର ଶାସ୍ତ୍ରୀ (୧୯୦୪-୧୯୬୬) ଏବଂ ପରବର୍ତ୍ତୀ ସମୟରେ ଶ୍ରୀମତୀ ଇନ୍ଦିରା ଗାନ୍ଧୀ (୧୯୧୭-୧୯୮୪) ତାଙ୍କୁ ଖୋଲାଖୋଲି ଭାବରେ ଭାରତ ର ଏକ ନୂତନ କୃଷି କାର୍ଯ୍ୟକ୍ରମ ତଥା ନୀତିଗତ ପରିବର୍ତ୍ତନ ପାଇଁ ଯାହା କାର୍ଯ୍ୟସାପେକ୍ଷ ତାହା କରିବା ପାଇଁ ସରକାର ବଦ୍ଧପରିକର ବୋଲି ଆଶ୍ୱସ୍ତ କଲେ । ଯାହାଫଳରେ ୬୦ ଦଶକ ରେ ଭାରତ କେବଳ ୧୨ ନିୟୁତ ଟନ୍ ଗହମ ଉତ୍ପାଦନ କରୁଥିବା ବେଳେ, ସଦ୍ୟ ପ୍ରକାଶିତ ତଥ୍ୟ ଅନୁଯାୟୀ ଅଧୁନା ଭାରତ ୧୧୨ ନିୟୁତ ଟନ୍ ଗହମ ଉତ୍ପାଦନ କରୁଛି । ଏହା ଭାରତୀୟ କୃଷକ ସମାଜର ଆତ୍ମନିର୍ଭର ଭାରତ ନିର୍ମାଣ ପାଇଁ ଥିବା ପ୍ରତିବଦ୍ଧତା କୁ ପ୍ରଦର୍ଶିତ କରୁଛି । ଡକ୍ଟର ସ୍ୱାମୀନାଥନଙ୍କ ପାଇଁ ପରିବେଶ ସୁରକ୍ଷା ସର୍ବଦା ଏକ ପ୍ରମୁଖ ଚିନ୍ତାର ବିଷୟ ଥିଲା । ପ୍ରାକୃତିକ ସମ୍ପଦର ସଂରକ୍ଷଣ ସହିତ ବର୍ଦ୍ଧିତ ଖାଦ୍ୟ ଉତ୍ପାଦନକୁ ସନ୍ତୁଳିତ କରିବାର ଆବଶ୍ୟକତା ଉପରେ ସେ ନିରନ୍ତର କୃଷି ପାଇଁ ଦୃଢ଼ ଭାବେ ନିଜ ମତ ପ୍ରତିପାଦନ କରିଆସୁଥିଲେ । ତାଙ୍କର ନ୍ତଏଭରଗ୍ରୀନ୍ ବିପ୍ଳବନ୍ତ ର ଧାରଣା ପରିବେଶ ଅନୁକୂଳ ଚାଷ ପ୍ରଣାଳୀ ଏବଂ ଜୈବ ବିବିଧତା ସଂରକ୍ଷଣକୁ ପ୍ରୋତ୍ସାହିତ କରେ । ଭାରତ ବାହାରେ ଡକ୍ଟର ସ୍ୱାମୀନାଥନ ଆନ୍ତର୍ଜାତୀୟ କୃଷି ବିକାଶରେ ମଧ୍ୟ ସକ୍ରିୟ ଭାବରେ ଜଡିତ ଥିଲେ । ସେ ମିଳିତ ଜାତିସଂଘ ଏବଂ ଖାଦ୍ୟ ଏବଂ କୃଷି ସଂଗଠନ (ଋଇଙ୍ଗ) ସମେତ ବହୁ ଆନ୍ତର୍ଜାତୀୟ ସଂଗଠନର ପରାମର୍ଶଦାତା ଭାବରେ କାର୍ଯ୍ୟ କରିଆସୁଥିଲେ ଏବଂ ଖାଦ୍ୟ ନିରାପତ୍ତାର ଆବଶ୍ୟକତାକୁ ବୈଶ୍ୱିକ ସ୍ତରରେ ପ୍ରୋତ୍ସାହିତ କରୁଥିଲେ । ତାଙ୍କ ଉଲ୍ଲେଖନୀୟ ଅବଦାନ



ମଧ୍ୟରୁ କୃଷି କ୍ଷେତ୍ରରେ ମହିଳାଙ୍କ ଅଂଶଗ୍ରହଣ ଉପରେ ତାଙ୍କ ଗୁରୁତ୍ୱ ବାସ୍ତବରେ ସ୍ୱାଗତଯୋଗ୍ୟ । ସେ କୃଷି କ୍ଷେତ୍ରରେ ମହିଳାମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସ୍ୱୀକୃତି ଦେଇଆସୁଥିଲେ ଏବଂ କୃଷି କାର୍ଯ୍ୟକଳାପର ସମସ୍ତ ଦିଗରେ ସେମାନଙ୍କୁ ଅନ୍ତର୍ଭୁକ୍ତ କରିବାର ପକ୍ଷଧର ଥିଲେ । ଏହା କେବଳ ଗ୍ରାମୀଣ ମହିଳାଙ୍କୁ ସଶକ୍ତ କରିନାହିଁ ବରଂ ସେମାନଙ୍କର ସମ୍ବଳ ତଥା ଆୟ ଉପାର୍ଜନ ସୁଯୋଗ ବୃଦ୍ଧି କରିବା ସହ କ୍ଷୁଦ୍ର କୃଷିଭିତ୍ତିକ କୁଟୀର ଶିଳ୍ପ ଏବଂ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ରେ ମହିଳା ଙ୍କ ଯୋଗଦାନ ବୃଦ୍ଧି ହୋଇପାରିଛି । ଯାହାଫଳରେ ଏହାର ସିଧାସଳଖ ପ୍ରଭାବ ଦାରିଦ୍ର୍ୟ ହ୍ରାସ ଏବଂ ସ୍ୱରୋଜଗାର ସୃଷ୍ଟି ଦିଗରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହୋଇପାରିଛି । ପରିଶେଷରେ, ଭାରତୀୟ କୃଷିରେ ଡକ୍ଟର ସ୍ୱାମୀନାଥନଙ୍କ ଅବଦାନ ଗରିବ ଏବଂ କୃଷକର ଜୀବନରେ ପୂର୍ବଅପେକ୍ଷା ପ୍ରଗତି ଆଣିପାରିଛି । ତାଙ୍କର ଉଦ୍ଭାବନ, କୃଷକ ଶିକ୍ଷା ପ୍ରତି ତାଙ୍କର ପ୍ରତିବଦ୍ଧତା, ମହିଳାଙ୍କ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବା ଏବଂ ଧାରଣୀୟ କୃଷି ଅଭ୍ୟାସ ପାଇଁ ତାଙ୍କର ଓକିଲାତି ଖାଦ୍ୟ ସୁରକ୍ଷାକୁ ଉନ୍ନତ କରିଛି, ଦାରିଦ୍ର୍ୟ ହ୍ରାସ କରିଛି ଏବଂ ଅଗଣିତ ବ୍ୟକ୍ତିଙ୍କ ଜୀବିକା ବୃଦ୍ଧି କରିଛି । ତାଙ୍କ ବିଚାରରେ ଅନ୍ତ୍ୟୋଦୟ ର ଝଲକ ଦେଖିବାକୁ ମିଳେ, ସମାଜ ର ଶେଷ ଧାଡ଼ିରେ ଠିଆ ହୋଇଥିବା ଗରିବ ଅନ୍ନଦାତାର ମଙ୍ଗଳ କାମନା ତାଙ୍କ ବୈଜ୍ଞାନିକ ଜୟ ଯାତ୍ରା ରେ ପ୍ରତିଭାଷିତ ହୁଏ ।
ଜୟ ଯବାନ୍, ଜୟ କିଶାନ୍, ଜୟ ବିଜ୍ଞାନ୍, ଜୟ ଅନୁସନ୍ଧାନ୍

*କବିସୂର୍ଯ୍ୟନଗର, ଗଞ୍ଜାମ*

# ସବୁଜ ବିପ୍ଳବର ଅନନ୍ୟ ବିନ୍ଧାଣୀ ଏମ.ଏସ.ସ୍ୱାମୀନାଥନ ଓ ତାଙ୍କ କଟକ ସ୍ମୃତି

ଭାରତରେ ସବୁଜ ବିପ୍ଳବର ଜନକ, ବିଶିଷ୍ଟ କୃଷି ବୈଜ୍ଞାନିକ ସର୍ବୋପରି କ୍ଷୁଧାମୁକ୍ତିର ବିନ୍ଧାଣୀ ଏମ.ଏସ.ସ୍ୱାମୀନାଥନଙ୍କ ୯୮ ବର୍ଷ ବୟସରେ ପରଲୋକ ଘଟିଛି । ୬୦ ଓ ୭୦ ଦଶକରେ ସେ ଭାରତୀୟ କୃଷିରେ ବୈପ୍ଳବିକ ପରିବର୍ତ୍ତନ ଆଣିଥିଲେ । ଅଧିକ ଅମଳକ୍ଷମ ନୂତନ କିସମର ଧାନ ଓ ଗହମ ସେ ବିକଶିତ କରିଥିଲେ ଯାହାଫଳରେ ଦେଶ ମରୁଡ଼ି ପରିସ୍ଥିତିରୁ ମୁକୁଳିବା ସହ ଖାଦ୍ୟଶସ୍ୟ ଉତ୍ପାଦନରେ ଆତ୍ମନିର୍ଭରଶୀଳ ହୋଇପାରିଥିଲା । ଧନୀଠୁ ଗରିବଙ୍କ ପର୍ଯ୍ୟନ୍ତ ପ୍ରତ୍ୟେକ ଭାରତୀୟ ଦିନକୁ ଦି'ଓଳି ଯେଉଁ ଅନ୍ନ ମିଳୁଛି, ତାର ଶ୍ରେୟ ଯାଏ ଭାରତର ପ୍ରଖ୍ୟାତ କୃଷି ବୈଜ୍ଞାନିକ ଏମ.ଏସ. ସ୍ୱାମୀନାଥନଙ୍କୁ । କୃଷି ଓ ବିଜ୍ଞାନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଲାଗି ସେ ସବୁଜ ବିପ୍ଳବର ଜନକ ଭାବେ ପରିଚିତ । କୃଷକଙ୍କୁ ସେମାନଙ୍କ ଉତ୍ପାଦିତ ଧାନ, ଗହମ ଆଦି ଖାଦ୍ୟ ଶସ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ ପ୍ରଦାନର ଶ୍ରେୟ ସ୍ୱାମୀନାଥନଙ୍କୁ ଦିଆଯାଇଥାଏ । ଯଦିଓ ଏମଏସପି ସ୍ୱପ୍ନ ସମ୍ପୂର୍ଣ୍ଣ ପୂରଣ ହୋଇନାହିଁ ତଥାପି ଦେଶର ଚାଷୀମାନେ ତାଙ୍କୁ ଏହି ଅବଦାନ ପାଇଁ ମନେରଖନ୍ତି । ୨୦୦୪ରେ ସ୍ୱାମୀନାଥନ ଫାର୍ମର୍ସ କମିଶନ ଅଧ୍ୟକ୍ଷ ଥିବାବେଳେ କୃଷି ସଙ୍କଟ ଦୂର କରିବା ପାଇଁ ଏମଏସପି ସୂତ୍ର ବାହାର କରିଥିଲେ । ୧୯୨୫ ମସିହା, ଅଗଷ୍ଟ ୭ ତାରିଖରେ


ବିପିନ ବିହାରୀ ରାଉତ

ତାମିଲନାଡୁର କୁମ୍ଭକୋଣମ ଠାରେ ଜନ୍ମିତ ସ୍ୱାମୀନାଥନଙ୍କ ପୁରା ନାମ ମନକୋମ୍ବ ସମ୍ବାସିବମ୍ ସ୍ୱାମୀନାଥନ । ଉଭୟ ଜୁଲୋଜି ଓ ଏଗ୍ରିକଲଚରରେ ସେ ସ୍ନାତକ ଥିଲେ । ଗହମ ସମେତ ଧାନ ଓ ଆଳୁର ଅଧିକ ଉତ୍ପାଦନକ୍ଷମ କିସମ ବିକଶିତ କରିବାରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ । ଗରିବ ଚାଷୀ କିଭଳି ଅଧିକ ଶସ୍ୟ ଅମଳ କରିପାରିବ, ତାର ମାର୍ଗ ସେ ପ୍ରଶସ୍ତ କରିଥିଲେ । ସେ ପୁଗଓ୍ୱାଶ କନଫରେନ୍ସ ଓ ଇଣ୍ଟର ନ୍ୟାସନାଲ ୟୁନିୟନ ଫର କନଜର୍ଭେସନ ଅଫ ନେଚରର ଅଧ୍ୟକ୍ଷ ଥିଲେ । ୧୯୯୦ ମସିହାରେ ସେ ଏଭରଗ୍ରୀନ ରିଭୋଲ୍ୟୁସନ ଶବ୍ଦକୁ ସଂଯୋଜନା କରିଥିଲେ, ଯାହା ପରିବେଶ କ୍ଷତି ବିନା ଚିରାଚରିତ ଉତ୍ପାଦକତାର ତାଙ୍କ ଦୃଷ୍ଟିକୋଣକୁ ବର୍ଣ୍ଣନା କରେ ।
କୃଷି ଓ ବିଜ୍ଞାନ କ୍ଷେତ୍ରରେ ବିଶେଷ ଯୋଗଦାନ ଲାଗି ୧୯୬୭ ମସିହାରେ ସ୍ୱାମୀନାଥନଙ୍କୁ ପଦ୍ମଶ୍ରୀ ଦ୍ୱାରା ସମ୍ମାନିତ କରାଗଲା । ୧୯୭୨ ମସିହାରେ ପଦ୍ମ ଭୂଷଣ ଓ ୧୯୮୯ ମସିହାରେ ପଦ୍ମ ବିଭୂଷଣ ଦ୍ୱାରା ସେ ସମ୍ମାନିତ ହେଲେ । ୧୯୮୭ ମସିହାରେ ସ୍ୱାମୀନାଥନଙ୍କୁ ପ୍ରଥମ ବିଶ୍ୱ ଖାଦ୍ୟ ପୁରସ୍କାର ଦ୍ୱାରା ସମ୍ମାନିତ କରାଯାଇଥିଲା । ଏହାକୁ କୃଷି କ୍ଷେତ୍ରର ସର୍ବୋଚ୍ଚ ସମ୍ମାନ ରୂପେ ବିବେଚନା କରାଯାଏ । ୧୯୭୧ ମସିହାରେ ପ୍ରତିଷ୍ଠିତ ରମଣ ମାଗାସେସେ ପୁରସ୍କାର, ୧୯୮୬ରେ ଆଲବର୍ଟ ଆଇନଷ୍ଟାଇନ ବିଶ୍ୱ ପୁରସ୍କାର ଦ୍ୱାରା ତାଙ୍କୁ ସମ୍ମାନିତ କରାଯାଇଥିଲା । ଟାଇମ ପତ୍ରିକା ସ୍ୱାମୀନାଥନଙ୍କୁ ବିଂଶ ଶତାବ୍ଦୀର ଅନ୍ୟତମ ସବୁଠୁ ପ୍ରଭାବଶାଳୀ ଏସୀୟ ଭାବେ ବିବେଚନା କରିଥିଲେ ।
ବିଶିଷ୍ଟ କୃଷି ବୈଜ୍ଞାନିକ ତଥା ଭାରତୀୟ ସବୁଜ ବିପ୍ଳବର ନାୟକ ଏମ.ଏସ. ସ୍ୱାମୀନାଥନଙ୍କ କଟକ ସହିତ ଏକ ଭାବଗତ ସମ୍ପର୍କ ରହିଛି । ୧୯୫୪ ସାମୟିକ ଭାବେ କଟକସ୍ଥିତ ଜାତୀୟ ଧାନ ଗବେଷଣା କେନ୍ଦ୍ରର ସହକାରୀ ଉଦ୍ୟାନବିତ ଭାବେ କାର୍ଯ୍ୟ କାରିଥିଲେ । ଇଣ୍ଡିକା-ଜାପୋନିକା କିସମ ଧାନକୁ କିଭଳି ଅଧିକ ଅମଳକ୍ଷମ କରାଯାଇପାରିବ ଏହା ଉପରେ ତାଙ୍କ ଗବେଷଣା ରହିଥିଲା । ସୂଚନାଥାଉକି ୧୯୪୬ରେ ଏହି ଧାନ ଗବେଷଣା କେନ୍ଦ୍ର ପ୍ରତିଷ୍ଠା ହୋଇଥିବାବେଳେ ଏହାର ପ୍ରତିଷ୍ଠାତା ନିର୍ଦ୍ଦେଶକ ଥିଲେ କ୍ରୀଷ୍ଣାସ୍ୱାମୀ ରାମିହା । ସ୍ୱାମୀନାଥନ ଇଂଲଣ୍ଡରୁ ପାଠପଢ଼ା ଶେଷକରି ସେ କଟକ ଧାନଗବେଷଣା କେନ୍ଦ୍ରରେ ତାଙ୍କ ଗବେଷଣାତ୍ମକ କର୍ମମୟ ଜୀବନ ଆରମ୍ଭ କରିଥିଲେ । ଏହି ଇଣ୍ଡିକା-ଜାପାନିକା କିସମର ଧାନ ଅଧିକରୁ ଅଧିକ କିପରି ଅମଳକ୍ଷମ ହୋଇପାରିବ ଏହା ଉପରେ ତାଙ୍କ ଗବେଷଣା ଆରମ୍ଭ ହୋଇଥିଲା । ଯଦିଓ ପରବର୍ତ୍ତୀ ସମୟରେ କୋରାପୁଟର ଜୟପୁରରେ ଏନ.ଏସ.ସ୍ୱାମୀନାଥନ ଗବେଷଣା କେନ୍ଦ୍ର ଖୋଲାଯାଇଥିଲା ଓ ଯାହାପାଇଁ ଓଡ଼ିଶା ସରକାର ଜମି ଓ ଅନ୍ୟାନ୍ୟ ସହଯୋଗ କରିଥିଲେ । ଜୟପୁରରେ ଥିବା ଏମଏସଏସଆରଏଫର ଆଞ୍ଚଳିକ କେନ୍ଦ୍ର ବିଜୁ ପଟ୍ଟନାୟକ ଟ୍ରାଇବାଲ ଆଗ୍ରୋବାୟୋଡାଇଭର୍ସିଟି ସେଣ୍ଟର ଆଦିବାସୀ କୃଷକ ମାନଙ୍କୁ ସେମାନଙ୍କ ଇଣ୍ଟେଲକ୍ଚୁଆଲ ପ୍ରପର୍ଟି ରାଇଟ୍ସ ସୁରକ୍ଷା ଦିଗରେ ସହଯୋଗ କରୁଛି । କେନ୍ଦ୍ରାପଡ଼ା ଜିଲ୍ଲାରେ ୧୯୯୪ରୁ ପ୍ରାୟ ୧୨ ବର୍ଷ ଧରି ସ୍ୱାମୀନାଥନ ଉପକୂଳ ଭୂମିରେ ହେନ୍ତାଳ ବଣର ସୁରକ୍ଷା ଦିଗରେ କାର୍ଯ୍ୟ କରିଥିଲେ । ଓଡ଼ିଶାବାସୀ ଅଧିକ ଧାନ ଉପରେ ନିର୍ଭରଶୀଳ ହୋଇଥିବାରୁ ଓ ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ ଥିବାରୁ ଓଡ଼ିଶାର ଚାଷ ପ୍ରଗତି ଉପରେ ତାଙ୍କର ଆଗ୍ରହ ବଢ଼ି ଯାଇଥିଲା । ଓଡ଼ିଶାର ଅନେକ ଏପରିକି ଅଗମ୍ୟ ଅଞ୍ଚଳ ସେ ଗସ୍ତ କରି ଧାନ ଗବେଷଣାରେ ନିଜ ସମୟ ବିତାଇବା ସହ ଚାଷୀମାନଙ୍କ ସହ ସମୟ କାଟି ସେମାନଙ୍କର ଅଭିଜ୍ଞତା, ଜମି ଓ ଧାନ ଓ ଅନ୍ୟାନ୍ୟ ଶସ୍ୟ ଉପରେ ଆଗ୍ରହ ରଖି ନିଜ ଗବେଷଣାରେ ଏହାକୁ ଲଗାଉଥିଲେ ।
ସ୍ୱାଧୀନତା ପରେ ଭାରତ ଭୟଙ୍କର ଖାଦ୍ୟ ଉତ୍ପାଦନ ହ୍ରାସକୁ ସାମ୍ନା କରୁଥିଲା । ଜନସଂଖ୍ୟା ଆଶାତୀତ ଭାବେ ବଢୁଥିବାବେଳେ ମରୁଡ଼ି ଲକ୍ଷ ଲକ୍ଷ ବୁଭୁକ୍ଷୁ ସୃଷ୍ଟି କରୁଥିଲା । ତେବେ ଏହିପରି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ଭାରତକୁ ଖାଦ୍ୟଶସ୍ୟରେ ନିଜ ଗୋଡ଼ରେ ଛିଡ଼ା କରାଇ ଯିଏ ଅଗ୍ରଣୀ ଆଲୋକବର୍ତ୍ତିକା ସାଜିଥିଲେ ସେ ଥିଲେ ସ୍ୱାମୀନାଥନ । କ୍ଷୁଧାମୁକ୍ତିର ଏହି ବିନ୍ଧାଣୀଙ୍କ ତ୍ୟାଗ ଓ ସହଯୋଗକୁ ଏ ରାଜ୍ୟ ଓ ରାଜ୍ୟବାସୀ ସର୍ବୋପରି କୃଷକ ଓ ଗବେଷକମାନେ କେବେ ଭୁଲି ପାରିବେନାହିଁ । ତାଙ୍କ ଅମର ଆତ୍ମାର ସଦଗତି କାମନା କରି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରୁଛି ।

*ଶ୍ରୀବିହାର କଲୋନୀ, କଟକ,*
*ଦୂରଭାଷ : ୯୪୩୭୬୬୬୪୫୩*

# ହସ ନକଲି କଥା ଅସଲି

ବେଳେ ବେଳେ କିଛି ସାଧାରଣ କଥା ଚିନ୍ତା କରିବାକୁ ବାଧ୍ୟ କରେ । ନିକଟରେ ହାଇଦ୍ରାବାଦ ବୁଲିବାକୁ ଯାଇଥିଲି । ସେଠାରେ ରାମୋଜି ଫିଲ୍ମ ସିଟି ଯିବାକୁ ସୁଯୋଗ ମିଳିଲା । ସୁନ୍ଦର ଆକର୍ଷଣୀୟ ଯାଗା ମଧ୍ୟରେ ଗୋଟେ ପାଗଳଖାନା ର ସେଟ୍ ପାଖରେ ପହଞ୍ଚିଲୁ । ସେଠାରେ କଣ୍ଢେଇ ମାନଙ୍କୁ ପାଗଳପରି ଏକ ବନ୍ଦ କଠୋରି ମଧ୍ୟରେ ରଖାଯାଇଥିଲା । ସେ କଣ୍ଢେଇ ଗୁଡିକ ଯୋରରେ ହସୁଥିଲେ । ଏବେ ଟିକେ ଭାବନ୍ତୁ ପାଗଳ ମାନଙ୍କ ବ୍ୟତୀତ ଅନ୍ୟ କେହି ଆଜିକାଲି ଖୋଲା ହସ ହସିପାରନ୍ତି । ହସିବା ଓ ହସାଇବା ଏତେ ବିରଳ ହୋଇଗଲାଣି ଯେ ଲୋକମାନେ କେବେ ମନଖୋଲି ହସିଥିଲେ କହିପାରିବେ ନାହିଁ । ନକଲି ଲୋକଙ୍କ ମଧ୍ୟରେ ସମବେଦନା ବଣ୍ଟନ ହେବା ପରି, ସମସ୍ତଙ୍କ ମୁହଁରେ ନକଲି ହସ । କେବଳ ରାଜନେତାମାନେ ହସୁଥିବା ହସର ନିରୋଳା ନାଆଁ । ସବୁଠାରୁ ଅଲଗା, ପ୍ରତାରଣାପୂର୍ଣ୍ଣ ଫମ୍ପା ହସ । ପବନର ଗୁଳା । ସବସିଡି ଯୁକ୍ତ ସହାୟତା ଦୋକାନ ବାହାରେ ଭୋକିଲା ଅସହାୟ ଲୋକଙ୍କ ଭିଡ଼ ।କିନ୍ତୁ ଅନୁକମ୍ପା ଟଙ୍କା ନକଲି ଲୋକଙ୍କ ମଧ୍ୟରେ ବଣ୍ଟନ । ତାହେଲେ, ଅସଲି ହସ ଆସିବ କେଉଁଠୁ । ଏଠାରେ ଔଷଧ ମଧ୍ୟ ନକଲି ହୋଇଥାଏ ଏବଂ ବେଳେବେଳେ ବିନିଯୋଗ ମଧ୍ୟ ନକଲି ହୋଇଯାଏ । ବୋଧହୁଏ ଏହି ଲୋକମାନଙ୍କ ପାଇଁ ଚାର୍ଲି ଚାପ୍ଲିନ୍ ତାଙ୍କ ଆତ୍ମଜୀବନୀରେ ଲେଖିଛନ୍ତି ଯେ ମୁଁ ବର୍ଷାରେ ଚାଲିବାକୁ ପସନ୍ଦ କରେ, କାରଣ ମୋ ମୁହଁରେ ଲୁହ ପ୍ରବାହିତ ହେଉଥିବା କେହି ଦେଖିପାରିବେ ନାହିଁ । ଆଜିକାଲି ଲୋକମାନେ ଗୋଟିଏ ଦିନ ଖୁସି ଅନୁଭବ କରିବାର ସୁଯୋଗ ଓ ପିଲାମାନେ ଆନନ୍ଦରେ ଡେଇଁବା ପାଇଁ ଜାଗା କେଉଁଠି ପାଇପାରୁ ନାହାନ୍ତି । ଲୋକଙ୍କ ଉତ୍ତେଜନାପୂର୍ଣ୍ଣ ମୁହଁରୁ ହସ ହଜିଯାଇଛି । ହଜିଯାଇଥିବା ହସର ସନ୍ଧାନ ଏହି ଯୁଗରେ ଏକ ଅଜଣା କାର୍ଯ୍ୟରେ ପରିଣତ ହୋଇଛି ।ହସ ଅନ୍ତରାତ୍ମାର ଅନ୍ଧକାର କୋଣକୁ ଆଲୋକିତ କରେ । ତଥାପି ଜଣେ ବ୍ୟକ୍ତିର ହସ ପଛରେ ଥିବା ଅନ୍ଧକାର ବିଷୟରେ ଆମେ ନା' କିଛି ଜାଣିପାରୁ ନା' ଦେଖିପାରୁ । ତା'ର ହସକୁ ବିଶ୍ୱାସ କରି ସେଇଠି ଅଟକି ରହୁ । ହସ ପଛର ବିରାଟ ଶୂନ୍ୟତା ଓ ମୃତ ଆବେଗ ସବୁର ସନ୍ଧାନ ଆମକୁ ମିଳିନଥାଏ । ହସର ମୁଖାଟିଏ ପିନ୍ଧି ଜଣେ ତା' ମନର ସବୁ କିଛି ଦୀର୍ଘଶ୍ୱାସକୁ ଲୁଚାଇଦେଇପାରେ । ହସ ଦେଖାଇଦେଇ ଅନ୍ୟକୁ ସହଜରେ ପ୍ରତାରିତ ବି କରି ଦେଇପାରେ । ମାର୍କ ଟ୍ୱେନ୍ ?ଙ୍କ କହିବା ପରି, "ପ୍ରତ୍ୟେକ ବ୍ୟକ୍ତି ଗୋଟିଏ ଗୋଟିଏ ଚନ୍ଦ୍ରମା, ଯାହାର ଏକ ଅନ୍ଧକାର ପାର୍ଶ୍ୱ ଅଛି ଓ ତାକୁ ସେ କାହାରିକୁ ଦେଖାଇ ନଥାଏ" । ହସର ପଛପଟେ ରହିଛି ମନୁଷ୍ୟର ସେଇ ଅନ୍ଧକାର ପାର୍ଶ୍ୱ । ସେଇଠି ମନୁଷ୍ୟ ଜୀବନର ସବୁକିଛି ଗୋପନୀୟତା ଲୁଚିରହେ ।ଆଗରୁ ଆମ ବାପା ଜେଜେ ନିଜ ପରିବାର, ନାତି, ନାତୁଣୀ ସମସ୍ତେ ମିଶି ଯେତେବେଳେ କଥାବାର୍ତ୍ତା ଆରମ୍ଭ କରୁଥିଲେ ହସ ଖୁସିରେ ଘର ପୁରିଉଠୁଥିଲା । ସେତେବେଳେ ଆକାଶରେ କଳା ମେଘ ଆସୁଥିଲା,ମନ ମୟୂର ଭଳି ନୃତ୍ୟ କରୁଥିଲା । ଢୋଲକି ଭଳି ବାଦ୍ୟଯନ୍ତ୍ର ଠାରୁ ମଧ୍ୟ ସେମାନଙ୍କ ହସୁଥିବା ଚେହେରା ଅଧିକ ପ୍ରତିଧ୍ୱନିତ୍ୱ ହେଉଥିଲା । କିନ୍ତୁ ଆଜି ମେଘ ବୁଲୁଛି, କିନ୍ତୁ କାହାର ମନ ଏକାଠି ନାହିଁ ତେଣୁ ଏବେ ମେଘ ଡ୍ରମ୍ ବଜାଇବା ନୁହେଁ, ବରଂ ତାର ଗର୍ଜନ ଶୁଭେ ।ହୃଦୟର ଢାଲ ହେଉଛି ହସ । ହୃଦୟ ଉପରକୁ ଆସୁଥିବା ସମସ୍ତ ଆଘାତକୁ ଏ ଢାଲ ମାଧ୍ୟମରେ ଅଟକାଇ ଦେଇ ଜୀବନ ଯୁଦ୍ଧରେ ମନୁଷ୍ୟ ଜିତିଯାଏ । ତା' ଚାରିପାଖର ଲୋକ, ଯେଉଁମାନେ ତା' ଦୁଃଖର କାରଣ ଜାଣିବାକୁ ଚାହାନ୍ତି, ହସ ମାଧ୍ୟମରେ ସେମାନଙ୍କଠାରୁ ତାହା ସେ ଲୁଚାଇ ରଖେ । ବେଳେବେଳେ ମନୁଷ୍ୟ ତା'ର କ୍ଷତି ପହଞ୍ଚାଇଥିବା ବ୍ୟକ୍ତିମାନଙ୍କୁ ଡରାଇବାକୁ ଯାଇ ଖାଲି ଟିକିଏ ହସିଦିଏ । ଜଣାଇବାକୁ ଚାହେଁନି, ସେମାନେ ଖଣ୍ଡବିଖଣ୍ଡିତ କରିଦେଇଥିବା ତା' ଜୀବନର ସୁଖଗୁଡିକୁ ସେ ଏବେ ମଧ୍ୟ ସାଉଣ୍ଟିବାରେ ଲାଗିଛି । ତା' ଆଖିର ଲୁହକୁ ଆଘାତଦାତାମାନେ ଉପଭୋଗ କରନ୍ତୁ, ଏ କଥା ସେ ଚାହେଁନି, ତେଣୁ ହସିଦିଏ । ବେଳେ ବେଳେ କିଛି ଆଗତ ଦୁଃଖକୁ ସାମନା


ପ୍ରଣତି ଆଚାର୍ଯ୍ୟ ମିଶ୍ର

କରିବାକୁ ଯାଇ ମନୁଷ୍ୟ ହସିଦିଏ । ସେଇ ହସରୁ ତାକୁ ସାହସ ମିଳେ । ସେ ଭାଙ୍ଗିପଡ ?ନି । ହସର ଆବଶ୍ୟକତା ପଡ, ଦୁଃଖରେ ଉବୁଟୁବୁ ମନୁଷ୍ୟ ଯେତେବେଳେ କିଛି ସମୟ ପାଇଁ ନିଜକୁ ଭୁଲିବାକୁ ଚାହିଁଥାଏ । ହସ ହିଁ ମନୁଷ୍ୟକୁ ଶକ୍ତି ଓ ସାମର୍ଥ୍ୟ ଯୋଗାଇଥାଏ । ହସ ନିଜ ପାଇଁ ନିଜର ଏକ ଦୃଢ଼ ପ୍ରତିଶ୍ରୁତି । ନିଜକୁ ନାୟକ ସଜାଏ ଓଠର ହସ । ହୃଦୟର କ୍ଷତ ଶୁଖାଇବାର ଇଏ ଏକମାତ୍ର ମହୌଷଧି ।ପୂର୍ବରୁ ହିମାଳୟ ଠାରୁ ଆରମ୍ଭ କରି କନ୍ୟାକୁମାରୀ ପର୍ଯ୍ୟନ୍ତ ସମସ୍ତେ ନିଜ ହୃଦୟ ଭିତରେ ଅନ୍ୟ ପାଇଁ ମିଠାକଥା ରଖିଥିଲେ । କିନ୍ତୁ ଏବେ ବାଲି ଭିତ୍ତିଭୂମିରେ ନିର୍ମାଣ ହେଉଥିବା ବିଳାସପୂର୍ଣ୍ଣ କୋଠା ମଧ୍ୟରେ ଜଣେ ଅନ୍ୟ ପାଇଁ ଅଜଣା ମନେ ହେଉଛି ।କାରଣ ଏକ ମହାମାରୀ ଦୁନିଆରେ ଅଶାନ୍ତ ଲୋକଙ୍କ ଭିଡ଼ । ଯାହାର ପକେଟ୍ ଗରମ ସେ ଦୁଃଖରେ, ଯାହାର ପକେଟ୍ ଖାଲି ସେ ଦୁଃଖରେ ।ଅର୍ଥନୀତି ର ଅଭିବୃଦ୍ଧି ହାର ସାଧାରଣ ଲୋକଙ୍କ ହାଡ ଭାଙ୍ଗି ଦିଏ । ଏଭଳି ଅଭିବୃଦ୍ଧିକୁ ନେଇ ସେ ଚିତ୍କାର ନ କରେ ତେବେ କ'ଣ କରିବମହାମାରୀର ଏକ ରୂପ ଦେଶ ଛାଡି ଯାଇନଥିବା ବେଳେ ଏବେ ଡେଙ୍ଗୁ ମଧ୍ୟ ଏପରି ରୂପ ନେଇଛି ଯେ ଔଷଧ ମଧ୍ୟ ଏହାକୁ ସମ୍ଭାଳି ପାରୁନାହିଁ ।ପ୍ରଥମ ଭୂତାଣୁ ସମ୍ପୂର୍ଣ୍ଣ ଅଦୃଶ୍ୟ ହୋଇନଥିଲା, କିନ୍ତୁ ଦ୍ୱିତୀୟ ଭୂତାଣୁ ଅଧିକ ମାରାତ୍ମକ ହୋଇ ଆମ ଫାଟିଯାଇଥିବା ପକେଟକୁ ଖୋଜିବା ଆରମ୍ଭ କରୁଛି । ଭୂତାଣୁ ମାନଙ୍କ ମଧ୍ୟରେ ସତେ ଯେମିତି ପ୍ରତିଯୋଗିତା ଚାଲିଛି । କାହାର ଯୋର କେତେ ? ଶରୀରରେ ମନରେ ଯନ୍ତ୍ରଣା ଅନୁଭବ ସମୟରେ ସେଥିରୁ କିପରି ହସ ବାହାରିବ ଏହା ପ୍ରତ୍ୟେକ ଘର, ସହର ଏବଂ ବଜାର ଆତ୍ମକଥା । ଏବେ ଏହି ଖୋଲା ପକେଟକୁ ନେଇ କେମିତି କାନ୍ଦିବେ ତାହା ମଧ୍ୟ କେହି ଜାଣନ୍ତି ନାହିଁ । ଆଖି ଲୁହରେ ଶୁଖିଯାଏ । ଏବେ ଚାରିଆଡ଼ ବର୍ଷା । ନିଜ ଲୁହଭରା ମୁହଁଲୁଚାଇବାର ଆବଶ୍ୟକତା ନାହିଁ । ପେଟ୍ରୋଲ, ଡିଜେଲ, ପନିପରିବା ସବୁକିଛି ର ଦରଦାମ ଉଚ୍ଚସ୍ତର ଛୁଇଁଛି ବୋଲି ସବୁଆଡ଼ ଚର୍ଚ୍ଚା । କିନ୍ତୁ ହସ ର ଦାମ୍ ସବୁଠାରୁ ଟପିଯାଇଛି । ଏହର ଉଚ୍ଚତାକୁ ସ୍ପର୍ଶ କରିବାକୁ କାହା ପକେଟ୍ ରେ ପଇସା ନାହିଁ । ଧନି ହେଉ ବା ନିର୍ଦ୍ଧନ କେହି ଏହାର ମୂଲ୍ୟ ଦେଇପାରିବେ ନାହିଁ ।

*ନୟାଗଡ*
*ମୋ:୯୪୩୭୬୪୨୯୪୭*




# ଜିଆଖତ-ଜୈବିକ କୃଷିର ପ୍ରମୁଖ ଦିଗ

**ସୁବ୍ରତ କୁମାର ମହାନ୍ତି**

ଏକବିଂଶ ଶତାବ୍ଦୀରେ ଏ ଯୁଗ ଉପନୀତ। ଯୁଗ ସହ ଯେମିତି ମଣିଷ ବଦଳୁଛି, ସେମିତି ବଦଳୁଛି ଏ ସମାଜ। ବଦଳି ମଧ୍ୟ ଯାଉଛି ଜୀବନ ଧାରଣର ପ୍ରତ୍ୟେକଟି ଧାରା। ଆଉ ଏଥିରୁ କୃଷି ବା ବାଦ୍ ଯିବ କେମିତି। ପ୍ରଥମେ ଜୈବିକ ପ୍ରଣାଳୀ ଅର୍ଥାତ ଜୈବିକ ସାର, ଜୈବିକ ଉପାୟରେ ରୋଗ ପୋକ ଦମନ ଇତ୍ୟାଦି ବ୍ୟବହାର କରୁଥିବା ମଣିଷ, କ୍ରମବର୍ଦ୍ଧିଷ୍ଣୁ ଜନ ସଂଖ୍ୟାକୁ ଆଖି ଆଗରେ ରଖି ଉତ୍କଟ ରସାୟନର ବ୍ୟବହାର କରେ। ଆଉ ବର୍ତ୍ତମାନ ଉକ୍ତ ଉତ୍କଟ ରସାୟନର କୁପ୍ରଭାବରୁ ଜନସମୁଦାୟକୁ ରକ୍ଷା କରିବା ଲକ୍ଷ୍ୟରେ ପୁନଃ ଜୈବିକ ପଦ୍ଧତି ଆଡ଼କୁ ଅଗ୍ରସର ହୁଏ। ଅତଏବ୍ ଜିଆଖତ ଏକ ପ୍ରମୁଖ ଜୈବିକ ଉପାୟ ଯେଉଁଥିରେ ଜୈବ ଅବଶେଷ ବା ବାୟୋୱେଷ୍ଟର ପୁନଃ ସଦବ୍ୟବହାର ହୋଇପାରେ। ଜଣେ ସାଧାରଣ ଚାଷୀ ପାଇଁ ପରିବେଶ ପ୍ରଦୂଷଣ ତଥା ରସାୟନିକ ସାରର ବର୍ଦ୍ଧିତ ମୂଲ୍ୟ କଥା ବିଚାରକୁ ନେଲେ, ଜିଆଖତ ପ୍ରୟୋଗ ଏକ ଉତ୍ତମ ଜୈବିକ ଉପାୟ ଯାହା ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ କମ୍ ଖର୍ଚ୍ଚ ଜୈବିକ ଅବଶେଷକୁ ପୁନଃ ବ୍ୟବହାର କରିବା ଉପରେ ଗୁରୁତ୍ୱ ଦେଇଥାଏ। ଆମେ ଅନେକ ଯାଗାରେ ପଢ଼ିଛେ କୃଷକର ବନ୍ଧୁ ଜିଆ। ତେଣୁ ଜିଆକୁ ପାଳନ କରି କୃଷିଜାତ ଅବଶେଷକୁ ଖାଇବାକୁ ଦେଇ ଜିଆର ମଳ ବା ପାଚନ ନହୋଇଥିବା ଅବଶିଷ୍ଟାଂଶରୁ ବ୍ୟବହାର କରି ଯେଉଁ ଖତ ପ୍ରସ୍ତୁତ କରାଯାଏ ତାକୁ ଜିଆଖତ ବୋଲି ଆଖ୍ୟା ଦିଆଯାଏ, ଏହି ଜିଆଖତରେ ଆପାତତଃ ଶତକଡ଼ା ୩ ପ୍ରତିଶତ ଯବକ୍ଷାରଜାନ, ୧ ପ୍ରତିଶତ ଫସଫରସ, ୧.୫ ପ୍ରତିଶତ ପଟାସିୟମ ରହିଥାଏ। ତତ୍‌ସହିତ ବିଭିନ୍ନ ଜୀବସାର, ରୋଗପ୍ରତିରୋଧକାରୀ ପଦାର୍ଥ ତଥା ବହୁ ଉପକାରୀ ଜୈବତ୍ୱରକ (ଏନ୍‌ଜାଇମ) ରହିଥାଏ ଯାହା କୃଷକ ଅବଶେଷର ଜୈବବିଘଟନରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଜିଆଖତରେ ପ୍ରୟୋଗ ଫଳରେ ମାଟିର ଉର୍ବରତା ବୃଦ୍ଧିପାଏ ଏବଂ ଯବକ୍ଷାରଜାନ ବିବନ୍ଧନ କରୁଥିବା ବୀଜାଣୁ ଗୁଡ଼ିକ ଉପରେ ଏହା ସୁପ୍ରଭାବ ପକାଇଥାଏ।

**ପ୍ରସ୍ତୁତି ପ୍ରଣାଳୀ :**

ଜିଆଖତ ପ୍ରସ୍ତୁତିରେ କେତେଗୋଟି ଦିଗପ୍ରତି ଧ୍ୟାନ ଦେବାକୁ ପଡ଼େ ପ୍ରଥମେ ଉତ୍ତମମାନର, ଜିଆଚୟନ କରିବା ଜରୁରୀ ପରିବେଶ, ମୃତ୍ତିକାର ପ୍ରକାର, କୃଷିଜ ଅବଶେଷର ପ୍ରକାର ଇତ୍ୟାଦିକୁ ବିଚାରକୁ ନେଇ ଜିଆର



ବିଭିନ୍ନ ପ୍ରଜାତି ଚୟନ କରିବାକୁ ହୁଏ। ସାଧାରଣତଃ ଆମ ଦେଶରେ ଜିଆଖତ ପ୍ରସ୍ତୁତି ପାଇଁ ଦୁଇଟି ଜିଆ ପ୍ରଜାତିକୁ ଚୟନ କରାଯାଉଛି। ସେଗୁଡ଼ିକ ହେଲା ଏଇସିନିଆ ଫୋଏଟିଡ଼ା ଏବଂ ଇଉଡ୍ରିଲସ ଇଉଜେନି, ବଡ଼ କାଠ, ପ୍ଲାଷ୍ଟିକ ବା ସିମେଣ୍ଟ କୁଣ୍ଡ (ସର୍ବାଧିକ ୧ମି ୧ମି ୦.୫ମି) ଯେଉଁଥିରେ ପ୍ରାୟ ୧୫୦୦ ଜିଆର ବ୍ୟବହାର ହୋଇପାରିବ, ତାହାକୁ ନିଆଯାଏ ଏବଂ ଘର ଭିତରେ ଜିଆଖତ ପ୍ରସ୍ତୁତି କରିବା ସବୁବେଳେ ଗ୍ରହଣୀୟ। କୁଣ୍ଡର ତଳସ୍ତରରେ କୃଷିଜାତ ଅବଶିଷ୍ଟାଂଶ (ଜୈବବିଘଟନ ଯୋଗ୍ୟ)ର ,କ ସ୍ତର ଦିଆଯାଏ ଯାହା ୫ ସେ.ମି ଉଚ୍ଚତାର ହୋଇଥାଏ। ତା ଉପରେ ବିଘଟିତ ଗୋବରର ଏକ ୫ ସେମିର ସ୍ତର ଆଚ୍ଛାଦନ କରିବାକୁ ପଡ଼େ। ଏହିପରି ଗୋଟିଏ ପରେ ଗୋଟିଏ ସ୍ତର ଦେଲାପରେ ସର୍ବଉପର ଯଥାଯଥ ଜଳ ସିଞ୍ଚନ କରି ସଂପୂର୍ଣ୍ଣ ଆର୍ଦ୍ରତାକୁ ୩୦ ରୁ ୪୦ ପ୍ରତିଶତ ରଖାଯାଏ। ଏହା ଉପରେ ବିଘଟନକାରୀ ଜିଆକୁ ଛଡ଼ାଯାଏ ଏବଂ ଏହା ଉପରେ କିଛି ମାଟି ଘୋଡ଼ାଇ ସୂର୍ଯ୍ୟାଲୋକ ନ ପଡ଼ିବା ପାଇଁ ଅଖା ଘୋଡ଼ାଇ ଦିଆଯାଏ। ଗାଇଗୋରୁ, ଘୋଡ଼ା, ଘୁଷୁରୀ ଇତ୍ୟାଦି ମାନଙ୍କର ଶୁଖିଲା ମଳ ତଥା ଅବ୍ୟବହୃତ ପନିପରିବା ଅବଶିଷ୍ଟାଂଶ ଜିଆମାନଙ୍କର ଉତ୍ତମ ଖାଦ୍ୟ ରୂପେ କାର୍ଯ୍ୟକାରୀ। ଶୁଖିଲା ଗୋବରକୁ ସେହି ଅବସ୍ଥାରେ ଖାଦ୍ୟ ହିସାବରେ ବ୍ୟବହାର କରାଯାଇପାରେ। କିନ୍ତୁ ଉପରୋକ୍ତ ଅନ୍ୟ ଖାଦ୍ୟ ଗୁଡ଼ିକୁ ଶୁଖିଲା ଗୋବର ସାଙ୍ଗରେ ସମପରିମାଣରେ ମିଶାଇ ଖାଦ୍ୟ ହିସାବରେ ବ୍ୟବହାର କରାଯାଏ। ଯେତେବେଳେ ଖତ ପ୍ରସ୍ତୁତ ହୋଇଥାଏ, ଦୈନିକ ଜଳ ସିଞ୍ଚନ ପ୍ରକ୍ରିୟାକୁ ୨-୩ ଦିନ ପାଇଁ ବନ୍ଦ ରଖାଯାଏ। ତା'ପରେ ଉକ୍ତ ଆର୍ଦ୍ର ଜିଆଖତକୁ ବାହାରେ କିଛି ସମୟ ଗଦା କରି ଶୁଖାଇ ଦିଆଯାଏ। ଖତଗଦାର ଉପରିଭାଗରୁ ଜିଆ ଗୁଡ଼ିକ ତଳକୁ ସ୍ଥାନାନ୍ତରିତ ହୋଇଗଲା ପରେ ଏହା ଉପଯୋଗୀ ହୋଇଥାଏ।

**ପ୍ରସ୍ତୁତ ସମୟର ସତର୍କତା :**

କେବଳ ଉଦ୍ଭିଦଜାତ ଅବଶେଷ ହିଁ ଜିଆଖତର ପ୍ରାଥମିକ ପଦାର୍ଥ ରୂପେ



ବ୍ୟବହାର ଯୋଗ୍ୟ। ପ୍ରାଣୀଜ ଅବଶେଷ ଯଥା ଅଣ୍ଡାଖୋଳପା, ମାଂସ, ହାଡ଼ ଇତ୍ୟାଦି ଜିଆଖତ ପ୍ରସ୍ତୁତି ପାଇଁ ବ୍ୟବହାର୍ଯ୍ୟ ନୁହେଁ। ଠିଆପାଣି ବା ସ୍ୱଳ୍ପ ଆର୍ଦ୍ରତା ଜିଆ ଉପରେ ନକରାତ୍ମକ ପ୍ରଭାବ ପକାଏ। ସେଥିପାଇଁ ଆର୍ଦ୍ରତା ପରିଚାଳନା ସୂଚାରୁ ରୂପେ କରିବା ସଙ୍ଗେ ସଙ୍ଗେ ଜିଆଗୁଡ଼ିକୁ ପକ୍ଷୀ, ପିମ୍ପୁଡ଼ି, ଉଇ ଏବଂ ମୂଷା ଠାରୁ ରକ୍ଷା କରାଯିବା ଉଚିତ୍। ଜିଆଖତକୁ ନିୟମିତ ବ୍ୟବଧାନରେ ବାହାର କରାଯିବା ମଧ୍ୟ ବିଧେୟ।

**ଜିଆଖତର ପ୍ରୟୋଗ :**

କ୍ଷେତ୍ର ଫସଲ ବା ଶ୍ୟ, ଡାଲି ଏବଂ ଅନ୍ୟାନ୍ୟ ଫସଲରେ ହେକ୍ଟର ପିଛା ୨-୩ ଟନ୍ ଜିଆଖତ ବ୍ୟବହାର କରାଯାଏ। ମି ବୁଣିବା



ସମୟରେ ବା ଚାରା ୧୫ ସେ.ମି. ଉଚ୍ଚତା ହେବା ପରେ ଧାଡ଼ିରେ ଏହାର ପ୍ରୟୋଗ ଲାଭ ଦାୟକ ହୋଇଥାଏ। ଫଳଗଛ ଗୁଡ଼ିକରେ ଗଛର ବୟସକୁ ଦୃଷ୍ଟିରେ ରଖି ୫ଗରୁ ପିଛା ୫-୧୦ କି.ଗ୍ରା ଜିଆଖତ ଗଛ ଚାରିପାଖରେ ଏକ ରିଙ୍ଗ ବା ବେସନ୍ କରି ଗୋବରଖତ ସାଙ୍ଗରେ ମିଶାଇ ପ୍ରୟୋଗ ବିଧେୟ। ସେହିପରି ପନିପରିବା ଫସଲର ନର୍ସରୀରେ ହେକ୍ଟର ପିଛା ୧ ଟନ୍ ଜିଆଖତ ଓ ଚାରା ଲଗାଇବାର ୪୫ ଦିନ ପରେ ଜଳସେଚନ ପୂର୍ବରୁ ଗଛ ପିଛା ୫୦୦ ଗ୍ରା. ଜିଆଖତ ପ୍ରୟୋଗ ଅତ୍ୟନ୍ତ ଲାଭପ୍ରଦ ଫୁଲଗଛ ଚାଷ ବେଳେ ହେକ୍ଟର ପିଛା ୭୫୦ କି.ଗ୍ରା ଜିଆଖତ ପ୍ରୟୋଗ କରିବା ଜରୁରୀ।

ତେଣୁ ଚାଷୀଭାଇମାନେ କୃଷି ବିଶେଷଜ୍ଞ ମାନଙ୍କ ପରାମର୍ଶ କ୍ରମେ ଏହାର ପ୍ରୟୋଗ କଲେ ସୁଫଳ ପାଇପାରିବେ।

ସହକାରୀ ପ୍ରାଧ୍ୟାପକ,
ଶ୍ରୀ ଶ୍ରୀ ୟୁନିଭର୍ସିଟି, କଟକ

# କୃଷି ଓ କୃଷକ - ଏକ ମାର୍ମିକ ଉଚ୍ଚାରଣ



**ବିଜ୍ଞାନ ରଂଜନ ସାହୁ**

ଆମ ଓଡ଼ିଶା ଗୋଟିଏ କୃଷି ପ୍ରଧାନ ରାଜ୍ୟ। ଏହାର ଅଧିକାଂଶ କୃଷି ଭୂମି ଗାଁ ଗହଳରେ ଅବସ୍ଥିତ। ଏହାର ଅଧିକାଂଶ କୃଷିଜିବି, ସେମାନେ କୃଷିକାର୍ଯ୍ୟ ଓ ମୂଲମଜୁରୀ ଲାଗି ସେମାନଙ୍କର ପରିବାର ପ୍ରତିପୋଷଣ କରନ୍ତି। ଓଡ଼ିଶାରେ ଅଧିକାଂଶ କୃଷକ ମାନଙ୍କର ନିଜର ଚାଷଜମି ନଥାଏ। ଏଣୁ ସେମାନେ ଭାଗଚାଷ କରନ୍ତି। ସାଧାରଣତଃ ଗାଁକହଳିରେ କୃଷକମାନଙ୍କ ପାଖରେ ଭଲ ଉତ୍ପାଦନ କରିବାର ଜ୍ଞାନ କୌଶଳ ଏବଂ ସୂଚନା ନଥାଏ। ସେମାନେ ପାରମ୍ପାରିକ ଭାବରେ କୃଷିକାର୍ଯ୍ୟ କରିଥାନ୍ତି। ପ୍ରାକୃତିକ ବିପର୍ଯ୍ୟୟ ହେତୁ ବହୁତ ଫସଲ କ୍ଷତି ଏବଂ ବ୍ୟାଘାତ ହୋଇଥାଏ ଓ କମ୍ ଉତ୍ପାଦନ ହୋଇଥାଏ। ଏଥି ଯୋଗୁଁ ସରକାର ମଧ୍ୟ ଆର୍ଥିକ ସହାୟତା ଦେଇଥାନ୍ତି। କିନ୍ତୁ ତାହା ଜମି ମାଲିକ ନିକଟକୁ ଚାଲିଯାଇଥାଏ ଏବଂ କୃଷକ ଏଥିରୁ କିଛି ପାଇ ନଥାଏ। ଏଥିଯୋଗୁଁ କେତେକ କୃଷକ ଭାଗଚାଷ କରିବାକୁ ମନା କରିଥାନ୍ତି। କୃଷିକାର୍ଯ୍ୟ ଛାଡ଼ି ସହରାଭିମୁଖୀ ହୋଇଥାନ୍ତି। ଆଉ ମଧ୍ୟ ଓଡ଼ିଶା ସରକାରଙ୍କ ଦ୍ୱାରା ୧ଟଙ୍କାରେ ୧୦ କେଜି ଚାଉଳ ପ୍ରଦାନ କରାଯାଉ ଥିବାରୁ ଦୈନିକ ଖାଇବା ଚଳିଯାଏ। ତେଣୁ କୃଷକ ମନରେ ଚାଷ କରିବା ପାଇଁ ଆଗ୍ରହ କମିଯାଏ।

ଅନ୍ୟ ପକ୍ଷରେ କୃଷକମାନେ ଚାଷ କାର୍ଯ୍ୟରେ ଜୈବିକ ଖତ, ଜୈବିକ ସାର ଏବଂ ଜୈବିକ କୀଟନାଶକ ପ୍ରୟୋଗ କରନ୍ତି ନାହିଁ। ଅଧିକ ଅମଳ ପାଇଁ ରାସାୟନିକ ସାର ଔଷଧ ପ୍ରୟୋଗ କରିଥାଆନ୍ତି। ଯାହା ଉପରେ ସେମାନଙ୍କର କୌଣସି ଜ୍ଞାନ ନଥାଏ। ଏହାଦ୍ୱାରା ଅଧିକ ଅମଳ ହୋଇଥାଏ। କିନ୍ତୁ ବହୁତ ପରିମାଣରେ ମୃତ୍ତିକା ଏହାର ଉତ୍ପାଦନର କ୍ଷମତା ହରାଇ ଥାଏ ଏବଂ ପରିବେଶ ପ୍ରଦୂଷଣ ହୋଇଥାଏ। ଆଗାମୀ ବର୍ଷ ମାନଙ୍କର ଅମଳର ପରିମାଣ ହ୍ରାସ ପାଇଥାଏ। ଏଥିଯୋଗୁଁ ଭାଗଚାଷିମାନେ ଭାଗଚାଷ ଛାଡ଼ି ଦେଇଥାନ୍ତି। ଏଣୁ ଜମି ମାଲିକକୁ କ୍ଷତି ସହିବାକୁ ପଡ଼େ ଓ ଜମିର ରକ୍ଷଣାବେକ୍ଷଣା ଅଭାବରୁ ଜମି ନଷ୍ଟ ହୋଇଯାଏ।



ଆମେ ଜାଣିଛେ କୃଷକମାନେ ସାଧାରଣତଃ ପରିବେଶ ଉପରେ ନିର୍ଭର କରିଥାନ୍ତି। କିନ୍ତୁ ଏହା ସ୍ଥିର ନୁହେଁ ମାତ୍ର ଦିନକୁ ଦିନ ପରିବର୍ତ୍ତନ ହୋଇଥାଏ। ଏଣୁ ଆମେ ଏହାକୁ ରୋକିପାରିବା ନାହିଁ। ତେଣୁ କେତେକ କୃଷକ ମତରେ କୃଷିକାର୍ଯ୍ୟ ହେଉଛି ଭାଗ୍ୟ ଓ କଠିନ ପରିଶ୍ରମ ଉପରେ ନିର୍ଭରଶୀଳ। ଏଣୁ କୃଷିକାର୍ଯ୍ୟରେ ବାରମ୍ବାର କ୍ଷତି ହେବାରୁ କୃଷକମାନେ ଆତ୍ମହତ୍ୟା କରିଥାନ୍ତି ଏହି ସବୁ ସମସ୍ୟା



ଗୁଡ଼ିକରୁ ଦୂରେଇ ରହିବା ପାଇଁ କୃଷକମାନଙ୍କୁ କୃଷି ବିଜ୍ଞାନର ପ୍ରଶିକ୍ଷଣ କରିବା ନିତ୍ୟାନ୍ତ ଜରୁରୀ। ଯଦି ସେମାନେ ପ୍ରଶିକ୍ଷଣ ନେଇ ଉନ୍ନତ ଜ୍ଞାନ କୌଶଳ ପ୍ରୟୋଗ କରି କୃଷିକାର୍ଯ୍ୟ ସମ୍ପାଦନ କରନ୍ତେ ଉତ୍ପାଦନ ବୃଦ୍ଧି ପାଇବ।

ଆଧୁନିକ ପୃଥିବୀରେ ଗୋଟିଏ ଆଶ୍ଚର୍ଯ୍ୟ କଥା ସମସ୍ତେ ଭଲ ଖାଇବାକୁ ଚାହାନ୍ତି କିନ୍ତୁ ଉତ୍ପାଦନ କରିବାକୁ ନୁହେଁ। ସମସ୍ତେ ଭଲରେ ରହି ଚାକିରି କରିବାକୁ ଚାହାନ୍ତି କିନ୍ତୁ ଜଣେବି କେହି ଭଲ କୃଷକ ହେବାକୁ ଚାହାଁନ୍ତି ନାହିଁ। ଏବେ ପ୍ରଶ୍ନ ଉଠୁଚି- ଉତ୍ପାଦନ କରିବ କିଏ? ଖାଦ୍ୟ ଆସିବ କେଉଁଠାରୁ। ତେଣୁ କୃଷକମାନଙ୍କୁ ଉପଯୁକ୍ତ ତାଲିମ୍ ପ୍ରାପ୍ତ କରାଯିବା ଦରକାର। ଏହାଦ୍ୱାରା କୃଷକମାନଙ୍କ ରୋଜଗାର ଏବଂ ଭବିଷ୍ୟତରେ କୃଷି ଏକ ମୁଖ୍ୟ ବୃତ୍ତି ହୋଇ ପାରିବ।

କୃଷକ ପାଠ୍ୟକ୍ରମ :

୧. ପରିବେଶ ଅନୁଯାୟୀ ଶସ୍ୟ ଚିହ୍ନଟ କରିବା
୨. ନୂତନ ଜ୍ଞାନ କୌଶଳର ପ୍ରୟୋଗ
୩. ମିଶ୍ରିତ କୃଷି
୪. ଅଧିକ ଅମଳ କରିପାରୁଥିବା ବିହନ
୫. ନୂତନ ଯନ୍ତ୍ରପାତିର ପ୍ରୟୋଗ
୬. ବିଭିନ୍ନ ପନିପରିବା ଋତୁ ଅନୁସାରେ ଓ ବଜାର ଚାହିଦାରେ ଚାଷ କରିବା

ଜମିଟି ସାଧାରଣତଃ ହିଡ଼ ଦ୍ୱାରା ଭାଗ ଭାଗ ହୋଇଥାଏ। ତେଣୁ ଅଧିକ ଟଙ୍କା ନିବେଶ ହୋଇଥାଏ। ଯଦି ପାଖାପାଖି ଜମି ଥିବା କୃଷକ ନିଜସ୍ୱ ବୁଝାମଣାରେ ହିଡ଼ ଉଠାଇ ଜମିକୁ ଏକତ୍ର କରି ଚାଷ କରନ୍ତେ ଜଳସେଚନର ସୁବିଧା ସହ ଅମଳ ହୁଅନ୍ତା।

ଯଦି କେତେକ କୃଷକ ଏକାଠି ହୋଇ ଗୋଟେ ଛୋଟ ଫାର୍ମ ଗଠନ କରି ସେମାନଙ୍କର ମିଳିତ ପ୍ରୟାସରେ ସେଠାରେ ଜୈବିକ ସାର, କମ୍ପୋଷ୍ଟ ଏବଂ ଏଫ୍.ୱାଇ.ଏମ୍. ଉତ୍ପାଦନ କରିପାରନ୍ତେ। ଏହା ସେମାନଙ୍କ ପାଇଁ ଅଧିକ ରୋଜଗାର ଦେଇ ପାରିବ। ଏଥିପାଇଁ କୃଷି ବିଜ୍ଞାନ ଶିକ୍ଷା ନିତ୍ୟାନ୍ତ ଆବଶ୍ୟକ।

କୃଷି ସ୍ନାତକୋତ୍ତର , ଓୟୁଏଟି

# ଟିଲାପିଆ - ମାଛ ଚାଷରେ ଏକ ନୂଆ ସମ୍ଭାବନା



**ବିଜ୍ଞାନ ମିହିର ରାଉତ**

ଟିଲାପିଆ ମାଛକୁ କେତେକ ଗରିବଙ୍କ ମାଛ ବୋଲି କହନ୍ତି। ଏହାର ମୂଳ ବାସସ୍ଥାନ ଆଫ୍ରିକା। ଆଫ୍ରିକା ମହାଦେଶ ବାହାରେ ସର୍ବପ୍ରଥମେ ଏହାର ଏକ ପ୍ରଜାତି ମୋଜାମ୍ବିକ ଟିଲାପିଆ ଚାଷ ଆରମ୍ଭ ହୋଇଥିଲା। କିନ୍ତୁଏହା କ୍ଷୁଦ୍ର, କମ୍ ଚାହିଦା ଓ କେତେକ ଅନାଦୃତ କାରଣ ବଶତ ଏହାର ଚାଷ ସଫଳ ହୋଇପାରିନଥିଲା। ପରେ ବିଂଶ ଶତାବ୍ଦୀରେ ଏକ ଉନ୍ନତ ପ୍ରଜାତିର ଟିଲାପିଆକୁ ଚାଷ କରାଯାଇ ଅଭୁତପୂର୍ବ ସଫଳତା ହାସଲ କରାଯାଇଥିଲା।ଏହାକୁ ବିଂଶ ଶତାବ୍ଦୀର ମୁଖ୍ୟ ଜଳଜୀବ ଭାବେ ଗଣା ଯାଉଛି।ଏହି ମାଛ ଅତ୍ୟନ୍ତ ସହନଶୀଳ ଓ ରୋଗପ୍ରତିରୋଧକ୍ଷମ ହୋଇଥାଏ। ଏହାଛଡ଼ା ୪-୬ ମାସ ଭିତରେ ବିକ୍ରିଯୋଗ୍ୟ ହୋଇଥାଏ। ଏହି ମାଛକୁ ବର୍ତ୍ତମାନ ବ୍ୟବସାୟିକ ଉଦ୍ଦେଶ୍ୟରେ ଚାଷ କରାଯାଉଛି।

ଟିଲାପିଆର ପ୍ରାୟ ୨୦ଟିପ୍ରଜାତି ମଧ୍ୟରୁ ଅଧିକାଂଶ ଆଫ୍ରିକା ପଶ୍ଚିମପାର୍ଶ୍ୱରେ ଥିବା ନଦୀମାନଙ୍କରେ ମିଳିଥାଏ। ଏଥିରୁ ମୁଖ୍ୟତ ୯ପ୍ରକାରର ପ୍ରଜାତି ଉପଯୁକ୍ତ ମନେ ହୁଏ। ନୀଳନଦୀ ଟିଲାପିଆ ସାରା ବିଶ୍ୱରେ ମୁଖ୍ୟ ଚାଷ ଉପଯୋଗୀ ଟିଲାପିଆ ଭାବେ ଗଣା ହୋଇଥାଏ। ନୀଳ ଟିଲାପିଆ ଶଙ୍କର ଜାତୀୟ ଟିଲାପିଆ ଉତ୍ପନ୍ନ କରିବାରେ ବ୍ୟବହାର କରାଯାଇଥାଏ। ଏହା ସମୁଦାୟ ବିଶ୍ୱର ଟିଲାପିଆ ଉତ୍ପାଦନର ପ୍ରାୟ ଶତକଡ଼ା ୮୦ଭାଗ ହୋଇଥାଏ। ଏଥିପାଇଁ ସାଧାରଣତଃ ଥଣ୍ଡା ଜଳବାୟୁ ଥିବା ପରିବେଶ ଆବଶ୍ୟକ। ମୋଜାମ୍ବିଆ ଟିଲାପିଆ ନୀଳନଦୀ ଟିଲାପିଆର ପ୍ରଜାତି ଅଟେ। ଲାଲ୍ ଟିଲାପିଆ - ଏହା ପ୍ରଥମେ ତାଇୱାନରେ ଉତ୍ପାଦିତ ହୋଇଥିଲା। ଏହା ବର୍ତ୍ତମାନ ସାରା ବିଶ୍ୱରେ ଆଦୃତ ହୋଇପାରିଛି।

ଉତ୍ପାଦନ- ଟିଲାପିଆ ଉତ୍ପାଦନରେ ମୁଖ୍ୟତ ୧୦ଟି ଦେଶ ଆଗରେ ଅଛନ୍ତି। ତନ୍ମଧ୍ୟରୁ ଏସିଆ ମହାଦେଶରେ ଚୀନ୍ ହେଉଛି ମୁଖ୍ୟ ଟିଲାପିଆ ଉତ୍ପାଦନ କାରୀ ରାଷ୍ଟ୍ର। ବିଶ୍ୱର ଅର୍ଦ୍ଧାଧିକ ଟିଲାପିଆ ଚୀନ୍ ଆସିଥାଏ। ସମୁଦାୟ ଉତ୍ପାଦନର ପ୍ରାୟ ୮୫ ଶତକଡ଼ା ମଧୁର ପାଣିରୁ ଆସିଥାଏ। ଏହାକୁ ଉଭୟ ମଧୁର ଓ କ୍ଷାର ପାଣିରେ ଚାଷ କରାଯାଇପାରେ। ଭେକଟି ମାଛ ଚାଷରେ ଏହାକୁ ମୁଖ୍ୟ ଖାଦ୍ୟଭାବେ ବ୍ୟବହାର କରାଯାଇଥାଏ।ବିଭିନ୍ନ ଚାଷ ପଦ୍ଧତି- ପିରା ଚାଷ- ହ୍ରଦ ଓ ଜଳଭଣ୍ଡାର ମଧ୍ୟରେ ଟିଲାପିଆ



ଚାଷ କରିବାରେ ଫିଲିପାଇନ୍ସ ଅଗ୍ରଣୀ। ପିରା ଚାଷ ମାଧ୍ୟମରେ ୫ ମାସରେ ୧୦୦ ବର୍ଗମିଟରରେ ୧୭୫ ଗ୍ରାମ ହାରାହାରି ଓଜନର ୫୪୦ କିଗ୍ରା ନୀଳନଦୀ ଟିଲାପିଆ ଉତ୍ପାନନ ହୋଇପାରିଥାଏ। ସେହିପରି ଚୀନ୍, ମାଲେସିଆ ଓ ତିଂଗାପୁରରେ ଅଧିକାଂଶ ଚାଷୀ ଲାଲ୍ ଟିଲାପ୍ଟିାକୁ କେନାଲ ବନ୍ଧ ଓ ଜଳଭଣ୍ଡାରରେ ପିଞ୍ଜରା ମଧ୍ୟରେ ସଗନ ଓ ଅର୍ଦ୍ଧସଘନ ଚାଷକଲା ବେଳେ ମଧ୍ୟ ବ୍ୟବହୃତ ହୋଇଥାଏ।

ପୋଖରୀ ଚାଷ- ଫିଲିଫାଇନ୍ସରେ ଟିଲାପିଆକୁ ଏକୁଲି ଚାଷ ଏବଂ ବାଂଲାଦେଶ, ଚୀନ ଆଦି ରାଷ୍ଟ୍ରରେ ମଶ୍ରିତ ଚାଷ ଭାବେ ବ୍ୟବହାର କରାଯାଇଥାଏ। ଉତ୍ପାଦନ କ୍ଷେତ୍ରରେ ତାଇୱାନ ହେକ୍ଟର ପିଛା ହାରାହାରି ସର୍ବାଧିକ ୧୫-୨୦ ଟନ୍ ହେଉଥିବା ବେଳେ ଚୀନ୍,ଥାଇଲାଣ୍ଡ ଏହା ପଛକୁ ଅଛନ୍ତି। ଫିଲିପାଇନ୍ସରେ ୩-୪ ମାସ ଭିତରେ ୮୦-୯୦ ଶତକଡ଼ା ୧୫୦-୨୦୦ ଗ୍ରାମ ଓଜନର ୪-୭ ଟନ ଟିଲାପିଆ ଉତ୍ପନ୍ନ ହୋଇପାରିବ।

ସେହିପରି ଦକ୍ଷିଣପୂର୍ବ ଏସିଆରେ ଇଣ୍ଡୋନେସିଆ, ଥାଇଲାଣ୍ଡ, ଭିଏତନାମ ଆଦି ଦେଶରେ ଟିଲାପିଆକୁ ମିଶ୍ରିତ ଚାଷ ଭାବରେ ମଧୁର ପାଣିରେ କୃଷି ଓ ପଶୁପାଳନ ସହ ସମ୍ମୋହିତ ଭାବେ ଚାଷ କରାଯାଇଥାଏ। ନୀଳନଦୀ ଟିଲାପିଆ ଚାଷକୁ ମୁଖ୍ୟତଃ ମଧୁର ପାଣିରେ କରାଯାଇଥାଏ। ଏହାକୁ ତାଇୱାନ, ମାଲେସିଆର କଂକ୍ରିଟ୍ ପୋଖରୀରେ ସଘନ ଚାଷ କରାଯାଇଥାଏ।

ଏକଲିଙ୍ଗି ଚାଷ- ଟିଲାପିଆ ସାଧାରଣତଃ ୪-୬ ମାସ ବୟସ ମଧ୍ୟରେ ଉତ୍ପାଦନ କାରଯାଇଥାଏ। ଯାହା ଫଳରେ ପୋଖରୀରେ ବହୁଳ ପରିମାଣରେ ବାମନ ଆକୃତି ବିଶିଷ୍ଟ ଟିଲାପିଆ ମାଛ ମିଳିଥାଏ। ସୁତରାଂ ଏହାର ପ୍ରଜନନକୁ ନିୟନ୍ତ୍ରଣ କରିବା ଆବଶ୍ୟକ ହୋଇଥାଏ। ଅଧିକାଂଶ ଚାଷୀ ଏକଲିଙ୍ଗି ଚାଷକୁ ଗୁରୁତ୍ୱ ଦେଇଥାନ୍ତି। ସମୁଦାୟ ଚାଷ ଖର୍ଚ୍ଚର ପ୍ରାୟ ୩୪% କେବଳ ଖାଦ୍ୟ ଦ୍ୱାରା ହୋଇଥାଏ। ପିରା ଚାଷରେ ଖାଦ୍ୟର ବହୁଳ ବ୍ୟବହାର ହେତୁ ଏଥିରେ ଖାଦ୍ୟ ଖର୍ଚ୍ଚ ପ୍ରାୟ ୮୫% ହୋଇଥାଏ। କହିବାକୁ ଗଲେ ଟିଲାପିଆ ଚାଷ ଲାଭଦାୟକ ଅଟେ। ଏହି ଦୃଷ୍ଟିରୁ ଏସିଆ ଓ ଆମେରିକାର ବହୁ ରାଷ୍ଟ୍ର ଏବେ ଟିଲାପିଆ ଉତ୍ପାଦନ ଉପରେ ଗୁରୁତ୍ୱ ଦେଉଛନ୍ତି।

ମତ୍ସ୍ୟ ଛାତ୍ର,
ଏମ୍.ଏସ୍ ସ୍ୱାମୀନାଥନ କୃଷି ବିଶ୍ୱବିଦ୍ୟାଳୟ, ପାରଳାଖେମୁଣ୍ଡି
ମୋ- ୭୯୭୮୧୯୬୮୩୪

# ବିଶ୍ୱ ମୃତ୍ତିକା ଦିବସ ଅବସରରେ ପ୍ରବନ୍ଧ ପ୍ରତିଭା ଅନ୍ୱେଷଣ

ଶ୍ୟାମଳ ସୁବର୍ଣ୍ଣ ଓଡ଼ିଶାର ଏକ ଅଗ୍ରଣୀ କୃଷି ଭିତ୍ତିକ ପତ୍ରିକା ଭାବରେ କୃଷି ଓ କୃଷକର ଉନ୍ନତି ପାଇଁ କାର୍ଯ୍ୟରତ। କୃଷିର ବି୍ାଶ, କୃଷକର ବିକାଶକୁ ମୂଳମନ୍ତ୍ର ଭାବେ ବିବେଚନା କରି ବିଗତ ୨୦୧୮ ଏପ୍ରିଲରୁ କୃଷି ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରକାଶିତ ଏହି ପତ୍ରିକା ନିରନ୍ତର ଭାବେ ପ୍ରକାଶ ପାଇ ଚାଷୀକୁଳ ପାଖରେ ବେଶ ସ୍ନେହ , ଶ୍ରଦ୍ଧା ସାଉଁଟିପାରିଛି। ଶ୍ୟାମଳ ସୁବର୍ଣ୍ଣ ସବୁବେଳେ କୃଷିର ବିକାଶ ସହ କୃଷକର ବିକାଶ ଉପରେ ଗୁରୁତ୍ୱ ଦେଇଥାଏ। ତେବେ ଆଗାମୀ ଡ଼ିସେମ୍ବର ୫ ତାରିଖ ବିଶ୍ୱ ମୃତ୍ତିକା ଦିବସ ଅବସରରେ ଶ୍ୟାମଳ ସୁବର୍ଣ୍ଣ ତରଫରୁ ପ୍ରବନ୍ଧ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ କରାଯାଉଛି। ଛାତ୍ରଛାତ୍ରୀଙ୍କ ମଧ୍ୟରେ ମାଟି ଓ ଏହାର ଉପାଦେୟତା ବିଷୟରେ ସଚେତନତା ସୃଷ୍ଟି କରାଯିବା ହିଁ ଏହାର ମୂଳ ଲକ୍ଷ୍ୟ। କୃଷି ବିଜ୍ଞାନୀ ଛାତ୍ର ଛାତ୍ରୀଙ୍କ ମଧ୍ୟରେ ମାଟି ସହ ଜନଜୀବନର ବିଶେଷତା ଉପରେ ସଚେତନତା କରାଇବା ଲକ୍ଷ୍ୟରେ ଆରମ୍ଭ ହୋଇଛି ଏହି କାର୍ଯ୍ୟକ୍ରମ ବୋଲି ପତ୍ରିକାର ସମ୍ପାଦକ ଡ଼ି ଶୁଭମ୍ କହିଛନ୍ତି। ଏହି ପ୍ରବନ୍ଧର ବିଷୟ ବସ୍ତୁ ରହିଛି : ମାଟି -ଚାଷର ଏନ୍ତୁଡ଼ିଶାଳ ଓ ଇଂରାଜୀ ବିଭାଗ ପାଇଁ ବିଷୟ- soil-the life giver of all existence। ଛାତ୍ରଛାତ୍ରୀ ମାନେ ଉଭୟ ଓଡ଼ିଆ ଓ ଇଂରାଜୀରେ ପ୍ରବନ୍ଧ ଲେଖି ୬୦୦-୭୦୦ ଶବ୍ଦ ମଧ୍ୟରେ ୩୦.୧୧.୨୦୨୧ ମଧ୍ୟରେ ପଠାଇବାକୁ ନିବେଦନ କରାଯାଇଛି। ପଠାଇବାର ଠିକଣା - ଇମେଲ- dshuvam97@gmail.com ଓ ଡ଼ାକ ମାଧ୍ୟମରେ - ମାର୍ଫତ- ସମ୍ପାଦକ,ଶ୍ୟାମଳ ସୁବର୍ଣ୍ଣ , ଷ୍ଟେଟ୍ ବ୍ୟାଙ୍କ ପାଖ , ବାସୁଦେବପୁର , ଭଦ୍ରକ ଠିକଣାରେ ପଠାଇପାରିବେ। ପ୍ରତିଯୋଗିତାର ଫଳାଫଳ ଆସନ୍ତା ଡ଼ିସେମ୍ବର ୫ ବିଶ୍ୱ ମୃତ୍ତିକା ଦିବସ ଅବସରରେ ଘୋଷଣା କରାଯିବା ସହ ଶ୍ରେଷ୍ଠ ତିନିଜଣଙ୍କୁ ମାନପତ୍ର ଦିଆଯିବ ବୋଲି ସମ୍ପାଦକ କହିଛନ୍ତି।

ଖେଳ
ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ

Bhubaneswar Saturday September 30, 2023 ଭୁବନେଶ୍ବର ଶନିବାର, ସେପ୍ଟେମ୍ବର ୩୦,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



# ରାଷ୍ଟ୍ରୀୟ ମୃର୍ତ୍ତିକା ଏବଂ ଜଳ ସରକ୍ଷଣ ଅନୁ ସନ୍ଧାନ କେନ୍ଦ୍ର ସୁନାବେଡାରେ ହିନ୍ଦୀ ଭାଷାର ପକ୍ଷବାଡା ଦିବସ ଆୟୋଜିତ

ସେମିଳିଗୁଡା,(ପି.ଏନ୍) : କୋରାପୁଟ ଜିଲ୍ଲା ସୁନାବେଡା ରାଷ୍ଟ୍ରୀୟ ମୃତିକା ଏବଂ ଜଳ ସରକ୍ଷଣ ଅନୁସନ୍ଧାନ କେନ୍ଦ୍ର ସୁନାବେଡା ଆନୁକୂଲ୍ୟରେ ହିନ୍ଦୀ ଭାଷା ର ପକ୍ଷବାଡା ଆୟୋଜନ କରାଯାଇଛି,ଏହି ହିନ୍ଦୀ ସପ୍ତାହ ମଧ୍ୟରେ ବିଭିନ୍ନ ପ୍ରକାର ପ୍ରତିଯୋଗିତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା, ଏଥିରେ 'ହୀନ୍ଦୀ ଭାଷାର ଗୁରୁତ୍ୱ' ପ୍ରସଙ୍ଗ କୁ ନେଇ ବିଭିନ୍ନ ସ୍କୁଲ ର ଛାତ୍ର ଛାତ୍ରୀଙ୍କୁ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା ,ଏହି ବକ୍ତବ୍ୟ ପ୍ରତିଯୋଗିତା ରେ ଭି .ଏସ୍ .ବିଦ୍ୟାଳୟ ଛାତ୍ରୀ ସାବେରା ପ୍ରଧାନ ପ୍ରଥମ ସ୍ଥାନ ଅଧିକାର କରିଥିବା



ବେଳେ ଦ୍ୱିତୀୟ ସ୍ଥାନ ରେ ଏ ଡି ଏ ଭି ବିଦ୍ୟାଳୟର ବିଜୟ ଲକ୍ଷ୍ମୀ ପଣ୍ଡିତ ଓ ତୃତୀୟ ସ୍ଥାନରେ ସାକାଇନା କ୍ଷତ୍ରିୟ ସୁନାବେଡା ପବ୍ଲିକ ସ୍କୁଲ ର ଛାତ୍ରୀ ସଫଳତା ଅର୍ଜନ କରିଥିଲେ, ଏହି କାର୍ଯ୍ୟକ୍ରମକୁ ସୁରେନ୍ଦ୍ର କୁମାର ଓ ଜି ବି ନାୟକ ପରିଚାଳନା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ସାଇନ୍ଟିଷ୍ଟ ରାମଜାମ୍ ଦେବରାଜନ୍ ଯୋଗ ଦେଇ ଥିବା ବେଳେ ସମ୍ମାନନୀୟ ଅତିଥି ଭାବେ ସୁନାବେଡା ପୈରାଧକ ଡ଼.ରାଜେନ୍ଦ୍ର ପାତ୍ର ଯୋଗ ଦେଇଥିଲେ, ଏହି ସଭା ଶେଷରେ ଯୋର୍ଜ ବିଲିୟୋମ୍ ବାଲା ଧନ୍ୟବାଦ ଅର୍ପଣ କରିଥିଲେ।

## ଇନ୍ଦ୍ରୋତ୍ସବ ପୂର୍ଣ୍ଣିମା ଓ ଭାଗବତ ଜନ୍ମ ପାଳନ

ନିମାପଡା,(ପି. ଏନ): ପୁରୀ ଜିଲ୍ଲା ଚାରିଛକ ଏକାନ୍ତ ଆଶ୍ରମ ପରିସର ରେ ପବିତ୍ର ଇନ୍ଦ୍ରୋତ୍ସବ ପୂର୍ଣ୍ଣିମା ଏବଂ ଶ୍ରୀମଦ୍ ଭାଗବତ ଜନ୍ମ ତିଥି ଅବସରରେ ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା। ଭକ୍ତ କବି ଜଗନ୍ନାଥ ଦାସ ଙ୍କ ରଚିତ ନବାକ୍ଷରୀ ଓଡ଼ିଆରେ ଅନୁବାଦିତ ପବିତ୍ର ଶ୍ରୀମଦ୍ ଭାଗବତ ପାଠ କରା ଯାଇଥିଲା। ମୁଖ୍ୟ କର୍ତ୍ତା ଭାବେ ଆଶ୍ରମ ର ସାଧାରଣ ସମ୍ପାଦକ ଡକ୍ଟର କେଦାରନାଥ ସାହୁଙ୍କ ସଂଯୋଜନା ରେ ମହର୍ଷି ମାୟାଧର ଦାସ ଙ୍କ ପ୍ରମୁଖ ଭକ୍ତ ସଭାପତି ଲକ୍ଷ୍ମୀଧର ନାୟକ, ଆଇ ଆର୍ ଏସ ଚନ୍ଦ୍ରକାନ୍ତ ଦଲାଇ, ପ୍ରଫେସର ଗୋପୀନାଥ କର,କାହ୍ନୁ ଚରଣ ବେହେରା ସମାଜସେବୀ ସନାତନ ପାତ୍ର,ନୟନା ରାଉତ, ଆଲୋକ ରଂଜନ ସାହୁ , ପଣ୍ଡିତ ରଶ୍ମିରଞ୍ଜନ ବାନାର୍ଜୀ, ମହେନ୍ଦ୍ର ସାହୁ ପ୍ରମୁଖ ଭକ୍ତ ମାନେ ଯୋଗ ଦେଇ ଏହି ଧର୍ମ ଉତ୍ସବ ପାଳନ କରିଥଲେ। ପ୍ରାଚୀ ଉପତ୍ୟକା ର ମଠ, ଆଶ୍ରମ, ମନ୍ଦିର ମାନଙ୍କ ରେ ଭାଗବତ ଜନ୍ମ ଆନନ୍ଦ ଉଲ୍ଲାସ ମଧ୍ୟରେ ପାଳିତ ହୋଇଥିଲା।

# ବିଜେପି ଓ କଂଗ୍ରେସ ର ପ୍ରାର୍ଥୀ କିଏ ? ଫାଇଦା ହାସଲ ପାଇଁ ବିଜେଡି ଅପେକ୍ଷାରେ

ନିମାପଡା,(ପି.ଏନ): ନିମପଡା ଓ ଗୋପ ନିର୍ବାଚନ ମଣ୍ଡଳୀରୁ ଆଗାମୀ ନିର୍ବାଚନରେ ବିଜେପି ,କଂଗ୍ରେସ ଆଉ ବିଜେଡି ରୁ କିଏ ପ୍ରାର୍ଥୀ ହେବେ ତା ଉପରେ ସମସ୍ତଙ୍କ ନଜର ରହିଛି କାରଣ ଜଣେ ଦକ୍ଷ୍ୟ ନେର୍ତ୍ୱତ୍ୱ ନିମାପଡ଼ା ଆଉ ଗୋପ ବାସି ଚାହାନ୍ତି । କିନ୍ତୁ ଯଦି ବିଜେପି ଆଉ କଂଗ୍ରେସ ଏହି ଦୁଇ ଦଳ ଉପଯୁକ୍ତ ପ୍ରାର୍ଥୀ ଚୟନ ନକରନ୍ତି ତା ହେଲେ ବିଜେଡି ଫାଇଦା ନେବେ ବୋଲି ଚର୍ଚ୍ଚା ହଉଚ଼ି। ନିମାପଡା ଆଉ ଗୋପ ନିର୍ବାଚନ ମଣ୍ଡଳୀରୁ ତିନି ଥର ଲଗାତାର ଜିତି ଆସୁଛନ୍ତି ସମୀର ଦାସ ୨୦୦୯,୨୦୧୪,୨୦୧୯ କ୍ରମାଗତ ଭାବେ ବିଜୟ ହାସଲ କରି ନିମାପଡ଼ା ଗୋପ କୁ ସରସ ସୁନ୍ଦର କରିବା ପାଇଁ ଲାଗିପଡିଛନ୍ତି। ବିଜେପି ରୁ ୨୦୦୯ ରୁ ଶଙ୍କର ପରିଡା ଆଉ ୨୦୧୪ ଓ ୨୦୧୯ ରୁ ପ୍ରଭାତୀ ପରିଡ଼ା ଙ୍କ ସହିତ କଂଗ୍ରେସ ରୁ ରମୁ ପାତ୍ର ଓ ବିଶ୍ୱ ରଞ୍ଜନ ସମିରଙ୍କ ଠାରୁ ପରାଜୟ ହୋଇଥିଲେ।ବିଜେପି ରୁ ପ୍ରଭାତୀ ପରିଡ଼ା ଦୁଇ ଦୁଇ ଥର ହାରିବା ସତ୍ତ୍ୱେ ପୁଣି ଥରେ ଟିକେଟ ପାଇଁ ଆସାଇ ଥିଲା ବେଳେ କଂଗ୍ରେସ ରୁ ନୂତନ କରି ବିଜେପିରେ ମିଶିଥିବା ଦିଲ୍ଲୀପ ନାୟକ ଦଳଗଢିବାରେ ଲାଗିପଡିଛନ୍ତି ସମସ୍ତଙ୍କ ସୁଖ ଦୁଃଖ ରେ ସାଥିରେ ରହି ଲୋକଙ୍କ ସେବା କରିବାରେ ଲାଗିଛନ୍ତି। କିନ୍ତୁ କଂଗ୍ରେସ ରୁ ବାରମ୍ବାର ହାରୁ ଥିଲେ ମଧ୍ୟ ୨୦୨୪ରେ ପ୍ରାର୍ଥୀ ଦେବକୀ ନାହିଁ ତାହା ଜଣା ପଡିନାହିଁ । ଯଦି ବିଜେଡି କଥା ଦେଖିବା ସମିର ଙ୍କ ନେର୍ତ୍ତୃତ୍ୱରେ ବର୍ଷ ପୂର୍ବ ଅନୁଷ୍ଠିତ ପୌର ଓ ପଞ୍ଚାୟତ୍ ନିର୍ବାଚନ ଏଠାରେ ବହୁ ସଂଖ୍ୟା ରେ ବିଜେଡି ବାଜିମାତ କରିଛି। ନିମାପଡା ମୁନିଶିପାଲିଟି ବିଜେଡି କବଜାରେ ରଖିବା ସହିତ ବହୁ ସଂଖ୍ୟା ରେ କାଉନସିଲର ଓ ପଞ୍ଚାୟତ୍ ର ସରପଞ୍ଚ ଆଉ ନୋମିନି ବିଜେଡ଼ି ବାଜିମାତ କରିଛି ତେଣୁ ବିଜେଡ଼ି ରୁ ସମିର ଦାସ ଶୀର୍ଷରେ ରହିବା ସ୍ୱାଭାବିକ। ସେହିପରି ବିଜେପି ଆଶାୟୀଙ୍କ ମଧ୍ୟରେ ପ୍ରଭାତୀ ପରିଡ଼ା ଙ୍କ ସ୍ୱାମୀ ଶ୍ୟାମସୁନ୍ଦର ନାୟକ ଙ୍କ ନାଁ ଚର୍ଚ୍ଚାରେ ରହିଛି। ଗତ ସାଧାରଣ ନିର୍ବାଚନରେ ୧୮୫୫୯୦ରୁ ବିଜେଡ଼ି ରୁ ସମିର ଦାସ ୯୧୧୬୯ ବିଜେପିରୁ ପ୍ରଭାତୀ ପରିଡ଼ା ୫୯୧୫୨ କଂଗ୍ରେସ ରୁ ଦିଲ୍ଲୀପ ନାୟକ ୩୩୫୭୬ ଭୋଟ ପାଇଥିଲେ ଏଥି ମଧ୍ୟରେ କଂଗ୍ରେସ ରୁ ବିଜେପି ରେ ମିଶିଥିବ ଦିଲ୍ଲୀପ ନାୟକ ଏବେ ବିଜେପି ରେ ଲବିରେ ଥିବା ବେଳେ କାହାକୁ ଟିକେଟ ମିଳିବ ଦେଖିବାକୁ ନିମାପଡ଼ା ବାସି ଉତ୍ସାହ ଅଟନ୍ତି ।

# ଆବାଜ୍ ଅଫ ଇଣ୍ଡିଆ ସଂହାର ପ୍ରି ଏଣ୍ଡ ଡିଜିଟାଲ ମିଡ଼ିଆ ଓ ମିଶ୍ର ପେପର ପ୍ରଡ଼କ୍ସନର ମିଳିତ ଉଦ୍ୟମରେ ନୂଆଁଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମ ପାଳିତ

ବଲାଙ୍ଗୀର, ୨୫.୯ : ବଲାଙ୍ଗୀର ଶିକ୍ଷା ଲକ୍ଷ୍ମିତ ସଂହାର ପ୍ରିଣ୍ଟଏଣ୍ଡ ଡିଜିଟାଲ ମିଡ଼ିଆ ଅଫିସ୍ ପରିସରରେ ଆବାଜ୍ ଅଫ୍ ଇଣ୍ଡିଆ, ସଂହାର ପ୍ରି ଏଣ୍ଡ ଡିଜିଟାଲ ମିଡ଼ିଆ ଓ ମିଶ୍ର ପେପର ପ୍ରଡ଼କ୍ସର ମିଳିତ ଉଦ୍ୟମରେ ପଶ୍ଚିମ ଓଡ଼ିଶାର ଭାଇଚରାର ଗଣପର୍ବ ଅବସରରେ ନୂଆଁଖାଇ ଭେଟ୍‌ଘାଟ୍ ପର୍ବ ମହାସମାରୋହରେ ପାଳିତ ହୋଇଯାଇଛି। ଆବାଜ୍ ଅଫ୍ ଇଣ୍ଡିଆର ଅଧ୍ୟକ୍ଷ, 'ସଂହାର' ପ୍ରି ଏଣ୍ଡ ଡିଜିଟାଲ ମିଡ଼ିଆର ସମ୍ପାଦକ ତଥା ମିଶ୍ର ପେପର ପ୍ରଡ଼କ୍ସର ପ୍ରୋପାଇଟର ବରିଷ୍ଠ ସାମ୍ବାଦିକ ତଥା ସମାଜସେବୀ ସୁନିଲୀ କୁମାର ମିଶ୍ରଙ୍କର ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସମାଜସେବୀ ତଥା ପିସ୍ ୟୁନିସନର ସ୍ୱେଚ୍ଛାସେବୀ ସଂଗଠନର ଅଧ୍ୟକ୍ଷ ସତ୍ୟରନ ମିଶ୍ର, ସମାଜସେବୀ ତଥା ସଫଳ ବ୍ୟବସାୟୀ ଉମେଶ କୁମାର ଅଗ୍ରୱାଲ ଓ ହନୁମାନ ପୂଜକ ଶଙ୍କର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦାନ କରିଥିଲେ। ଏହି ଭେଟ୍‌ଘାଟ୍ କାର୍ଯ୍ୟକ୍ରମରେ ନୂଆଁଖାଇର ମହତ୍ୱ ଏହାର ଏକ ଭାଇଚରାର ପର୍ବ, କୃଷି ଓ କୃଷକର ଗଣପର୍ବ ବୋଲି ଆଲୋଚନା




ହେବା ସହ ଏହା ଯେ, କେବଳ ପଶ୍ଚିମ ଓଡ଼ିଶାର କିମ୍ବା ଓଡ଼ିଶା ରାଜ୍ୟ ନୁହେଁ, ସମଗ୍ର ଭାରତବର୍ଷରେ ଗଣପର୍ବ ଭାବରେ ସମସ୍ତେ ଧୁମ୍ଧାମରେ ପାଳନ କରିବା କଥା। କାହିଁକି ନା ଋଷୀ ଋଷ ଜମିରୁ ପ୍ରଥମ ଧାନ ବା ଶସ୍ୟ ଆମଦାନୀ କଲାପରେ ମାଁ ଅନ୍ନପୂର୍ଣ୍ଣା ବା ଲକ୍ଷ୍ମୀ ମାଁଙ୍କୁ ଅର୍ପଣ କରି ପୂଜା କରି ଘରର ସମସ୍ତ ସଦସ୍ୟ ପ୍ରସାଦ ରୂପରେ ସେବନ କରିଥାଁ ଓ ସନ୍ଧ୍ୟାରେ ଆନନ୍ଦ ଉଲ୍ଲାସର ସହିତ ମନୋରନ କାର୍ଯ୍ୟକ୍ରମମାନ କରି ଉପଭୋଗ କରଁ। ସେହିପରି ଦେଶ ବା ସମାଜ ଗଠନ କରିବାରେ ପ୍ରତ୍ୟେକ ବ୍ୟକ୍ତି ବିଶେଷକରି କିଛି ନା କିଛି ଭୂମିକା ନିଶ୍ଚିତ ଭାବରେ ରହିଛି ବୋଲି ମତପ୍ରକାଶ ପାଇଥିଲା। ବିଶେଷ ଭାବେ ଦେଶ ଗଠନ କରିବାରେ ସରକାରୀ କଳର ନେତା, ସମାଜସେବକ ଓ ଜନତା ଜନାର୍ଦ୍ଦନଙ୍କୁ ସଚେତନ ଓ ଚଳଚ ଳ କରିବାରେ ପ୍ରକୃତିରେ କର୍ମରତ ସାମ୍ବାଦିକମାନଙ୍କର ପ୍ରମୁଖ ଭୂମିକା ରହିଛି ବୋଲି ମଧ୍ୟ ମତ ପ୍ରକାଶ ପାଇଥିଲା। ତେଣୁ ସରକାର ଆଉ କାଳବିଳମ୍ବ ନକରି କାର୍ଯ୍ୟରତ ସାମ୍ବାଦିକ ଭାଇ ଭଉଣୀମାନଙ୍କୁ ଯଥାଶୀଘ୍ର ସମ୍ବିଧାନର ଚତୁର୍ଥସ୍ତମ୍ଭର ମାନ୍ୟତା ସରକାରୀ ହିସାବରେ ଘୋଷଣା କରିବା କଥା ଏବଂ ଏହା ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ହେବା କଥା। ଯେହେତୁ ଜନତା ଜନାର୍ଦ୍ଦନ ହୃଦୟ ଭିତରୁ ସାମ୍ବାଦିକମାନଙ୍କୁ ସମ୍ବିଧାନର ଚତୁର୍ଥସ୍ତମ୍ଭ ହିସାବରେ ମାର୍ନି ଓ ସମ୍ମାନ ଦିଅଁ, ସରକାରଙ୍କୁ ଏହା କରିବା ପାଇଁ କ'ଣ ବାଧା ସୃଷ୍ଟି ହେଉଛି। ସେହିପରି ବଲାଙ୍ଗୀର ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତି ପାଇଁ ବଲାଙ୍ଗୀର ସହରର ମ୍ୟୁନିସିପାଲିଟିରେ ପ୍ରଥମେ ସଚେତନତା ଅଣାଯିବା ସହ ଗ୍ରାମା ଳ ଓ ସମଗ୍ର ଜିଲ୍ଲାରେ ସଚେତନତା ଅଣାଯିବା ପାଇଁ ସମସ୍ତେ ସଂକଳ୍ପ ନେଇଥିଲେ। ନଚେତ ଆଗାମୀ ୨୦୨୪ ସାଧାରଣ ନିର୍ବାଚନ ବର୍ଜନ କରିବା ପାଇଁ ନେତା ଜନାର୍ଦ୍ଦନଙ୍କୁ ସଚେତନ କରିବାକୁ ପଡ଼ିବ ବୋଲି କହିଥିଲେ। ଏଥିରେ ସହରର ମାନ୍ୟଗଣ୍ୟ ବ୍ୟକ୍ତି, ବୁଦ୍ଧିଜୀବୀ, ସମାଜସେବୀ, ସାମ୍ବାଦିକ ତଥା ସାଧାରଣ ବ୍ୟକ୍ତିବିଶେଷ ଯୋଗଦାନ କରି ତାଙ୍କର ସୁଚିଂତ ମତାମତ ଦେଇଥିଲେ। ଶେଷରେ ସଂହାର ପ୍ରି ଏଣ୍ଡ ଡିଜିଟାଲ ମିଡ଼ିଆର ମୁଖ୍ୟ ଖବର ସମ୍ପାଦକ ଇଂ ଶୋଭ୍ୟ ରନ ମିଶ୍ର ଧନ୍ୟବାଦ ଦେଇଥିଲେ।

# ସେମିଳିଗୁଡ଼ା ବ୍ଲକ ପରିସରରେ ମିଶନ ଶକ୍ତି କାଫେ ଉଦଘାଟିତ

ପଟାଙ୍ଗି:(ପି ଏ ନ) କୋରାପୁଟ ଜିଲ୍ଲା ସେମିଳିଗୁଡ଼ା ବ୍ଲକ ପରିସରରେ ନୂତନ ମିଶନ ଶକ୍ତି କାଫେ ଉଦଘାଟିତ ହୋଇଯାଇଛି ।ପଟାଙ୍ଗି ବିଧାୟକ ପ୍ରୀତମ ପାଢ଼ୀଙ୍କ ଅଧ୍ୟକ୍ଷତାରେ କର କମଳରେ ଶୁଭ ଉଦଘାଟିତ ହୋଇଯାଇଛି ।ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପଟାଙ୍ଗି ବିଧାୟକ ପ୍ରୀତମ ପାଢ଼ୀ ଯୋଗଦେଇ ଫିତା କାଟି ମିଶନ ଶକ୍ତି କାଫେର କର କମଳରେ ଶୁଭ ଉଦଘାଟିତ କରିଥିଲେ ।ସମ୍ମାନୀତି ଅତିଥି ଭାବେ ସପ୍ତଗିରି ଉଲ୍କାକା ମାନ୍ୟବର ସାଂସଦ କୋରାପୁଟ,ସେମିଳିଗୁଡ଼ା ବ୍ଲକ ଅଧ୍ୟକ୍ଷା ଶ୍ରୀମତୀ ଲିଲି ଅଣ୍ଡାବିରିଆ,



ସେମିଳିଗୁଡ଼ା ବ୍ଲକ ଉପାଧ୍ୟକ୍ଷ ଶ୍ରୀ ଶିବା ବଙ୍ଗାରି, ସେମିଳିଗୁଡ଼ା ଜିଲ୍ଲା ପରିଷଦ ସଭ୍ୟା ଜୋନ -୧ ଶ୍ରୀମତୀ ଯଶୋଦା ଖିଲ, ସେମିଳିଗୁଡ଼ା ଜିଲ୍ଲା ପରିଷଦ ସଭ୍ୟ ଜୋନ-୨ର ଶ୍ରୀ ମୋହନ ଜାନୀ, ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମିଶନ ଶକ୍ତି ଜରିଆରେ ମହିଳା ମାନଙ୍କୁ ସଶକ୍ତିକରଣ କରିବା ପାଇଁ ବିଭିନ୍ନ ପଦକ୍ଷେପ ନେଉଥିବା ବେଳେ ବ୍ଲକ ସ୍ତରରେ ମିଶନ ଶକ୍ତି କାଫେ ମହିଳା ମାନଙ୍କୁ ସ୍ୱାବଲମ୍ବୀ କରିବାରେ ବେସ ସହାୟକ ହେବ ଏବଂ ମହିଳା ମାନେ ଯେପରି ଘର ପରିଚାଳନା କ୍ଷେତ୍ରରେ ନିଜର ଦକ୍ଷତା ଦେଖାଇଛନ୍ତି ସେହି ଭଳି ବ୍ଲକ ସ୍ତରରେ କାଫେ ଜରିଆରେ ନିଜର ଦକ୍ଷତା ଦେଖାଇବା ସହ ଜୀବିକା ନିର୍ବାହ କରିବାର ଏକ ସୁଯୋଗ ପାଇଛନ୍ତି ବୋଲି ପଟାଙ୍ଗି ବିଧାୟକ ପ୍ରୀତମ ପାଢ଼ୀ ପ୍ରକାଶ କରିଥିଲେ ।ଏହି ଉତ୍ସବରେ ଅନ୍ୟ ମାନଙ୍କ ମଧ୍ୟରେ ସେମିଳିଗୁଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ ସବ୍ୟସାଚୀ ବେହେରା,ଏପିଓ , ଓଏଲଏମ ,ମିସନ ଶକ୍ତିର ମହିଳା , ଏମବିକେ ଓ ସିଆରପି,ସରପଞ୍ଚ, ସମିତି ସଭ୍ୟ ମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ। ବ୍ଲକର ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବିଜେପି ଓ କଂଗ୍ରେସର ପ୍ରାଥୀ କିଏ ? ଫାଇଦା ହାସଲ ପାଇଁ ବିଜେଡି ଅପେକ୍ଷାରେ

ନିମାପଡା,(ପି.ଏନ): ନିମପଡା ଓ ଗୋପ ନିର୍ବାଚନ ମଣ୍ଡଳୀରୁ ଆଗାମୀ ନିର୍ବାଚନରେ ବିଜେପି ,କଂଗ୍ରେସ ଆଉ ବିଜେଡି ରୁ କିଏ ପ୍ରାର୍ଥୀ ହେବେ ତା ଉପରେ ସମସ୍ତଙ୍କ ନଜର ରହିଛି କାରଣ ଜଣେ ଦକ୍ଷ୍ୟ ନେର୍ତ୍ୱତ୍ୱ ନିମାପଡ଼ା ଆଉ ଗୋପ ବାସି ଚାହାନ୍ତି । କିନ୍ତୁ ଯଦି ବିଜେପି ଆଉ କଂଗ୍ରେସ ଏହି ଦୁଇ ଦଳ ଉପଯୁକ୍ତ ପ୍ରାର୍ଥୀ ଚୟନ ନକରନ୍ତି ତା ହେଲେ ବିଜେଡି ଫାଇଦା ନେବେ ବୋଲି ଚର୍ଚ୍ଚା ହଉଚ଼ି। ନିମାପଡା ଆଉ ଗୋପ ନିର୍ବାଚନ ମଣ୍ଡଳୀରୁ ତିନି ଥର ଲଗାତାର ଜିତି ଆସୁଛନ୍ତି ସମୀର ଦାସ ୨୦୦୯,୨୦୧୪,୨୦୧୯ କ୍ରମାଗତ ଭାବେ ବିଜୟ ହାସଲ କରି ନିମାପଡ଼ା ଗୋପ କୁ ସରସ ସୁନ୍ଦର କରିବା ପାଇଁ ଲାଗିପଡିଛନ୍ତି। ବିଜେପି ରୁ ୨୦୦୯ ରୁ ବିଜେପି ରୁ ଶଙ୍କର ପରିଡା ଆଉ ୨୦୧୪ ଓ ୨୦୧୯ ରୁ ପ୍ରଭାତୀ ପରିଡ଼ା ଙ୍କ ସହିତ କଂଗ୍ରେସ ରୁ ରମୁ ପାତ୍ର ଓ ବିଶ୍ୱ ରଞ୍ଜନ ସମିରଙ୍କ ଠାରୁ ପରାଜୟ ହୋଇଥିଲେ।ବିଜେପି ରୁ ପ୍ରଭାତୀ ପରିଡ଼ା ଦୁଇ ଦୁଇ ଥର ହାରିବା ସତ୍ତ୍ୱେ ପୁଣି ଥରେ ଟିକେଟ ପାଇଁ ଆସାଇ ଥିଲା ବଳେ କଂଗ୍ରେସ ରୁ ନୂତନ କରି ବିଜେପିରେ ମିଶିଥିବା ଦିଲ୍ଲୀପ ନାୟକ ଦଳଗଢିବାରେ ଲାଗିପଡିଛନ୍ତି ସମସ୍ତଙ୍କ ସୁଖ ଦୁଃଖ ରେ ସାଥିରେ ରହି ଲୋକଙ୍କ ସେବା କରିବାରେ ଲାଗିଛନ୍ତି। କିନ୍ତୁ କଂଗ୍ରେସ ରୁ ବାରମ୍ବାର ହାରୁଥିଲେ ମଧ୍ୟ ୨୦୨୪ରେ ପ୍ରାର୍ଥୀ ଦେବକୀ ନାହିଁ ତାହା ଜଣା ପଡିନାହିଁ । ଯଦି ବିଜେଡି କଥା ଦେଖିବା ସମିର ଙ୍କ ନେର୍ତ୍ତୃତ୍ୱରେ ବର୍ଷ ପୂର୍ବ ଅନୁଷ୍ଠିତ ପୌର ଓ ପଞ୍ଚାୟତ୍ ନିର୍ବାଚନ ଏଠାରେ ବହୁ ସଂଖ୍ୟା ରେ ବିଜେଡି ବାଜିମାତ କରିଛି। ନିମାପଡା ମୁନିଶିପାଲଟି ବିଜେଡି କବଜାରେ ରଖିବା ସହିତ ବହୁ ସଂଖ୍ୟା ରେ କାଉନସିଲର ଓ ପଞ୍ଚାୟତ୍ ର ସରପଞ୍ଚ ଆଉ ନୋମିନି ବିଜେଡ଼ି ବାଜିମାତ କରିବା ସହିତ ସମିର ଲୋକମାନଙ୍କ ଭରସା ତିଷ୍ଟି ପାରିଛନ୍ତି ତେଣୁ ବିଜେଡ଼ି ରୁ ସମିର ଦାସ ଶୀର୍ଷରେ ରହିବା ସ୍ୱାଭାବିକ। ସେହିପରି ବିଜେପି ଆଶାୟୀଙ୍କ ମଧ୍ୟରେ ପ୍ରଭାତୀ ପରିଡ଼ା ଙ୍କ ସ୍ୱାମୀ ଶ୍ୟାସୁନ୍ଦର ନାୟକ ଙ୍କ ନାଁ ଚର୍ଚ୍ଚାରେ ରହିଛି। ଗତ ସାଧାରଣ ନିର୍ବାଚନରେ ୧୮୫୫୯୦ରୁ ବିଜେଡ଼ି ରୁ ସମିର ଦାସ ୯୧୧୬୯ ବିଜେପିରୁ ପ୍ରଭାତୀ ପରିଡ଼ା ୫୯୧୫୨ କଂଗ୍ରେସ ରୁ ଦିଲୀପ ନାୟକ ୩୩୫୭୬ ଭୋଟ ପାଇଥିଲେ ଏଥି ମଧ୍ୟରେ କଂଗ୍ରେସ ରୁ ବିଜେପି ରେ ମିଶିଥିବ ଦିଲ୍ଲୀପ ନାୟକ ଏବେ ବିଜେପି ରେ ଲବିରେ ଥିବା ବେଳେ କାହାକୁ ଟିକେଟ ମିଳୁଛି ଦେଖିବାକୁ ନିମାପଡ଼ା ଆଉ ଗୋପ ବାସି ଉତ୍ସାହ ଥିବା ବେଳେ ଯଦି ଉପଯୁକ୍ତ ପ୍ରାର୍ଥୀ ବିଜେପି ଆଉ କଂଗ୍ରେସ ନ ଦିଆନ୍ତି ତା ହେଲେ ଏଥର ପୁଣି ଥରେ ସମିରଙ୍କ ବିଜୟ ବୋଲି ଚର୍ଚ୍ଚା ର ବିଷୟ ପାଲଟିଛି

# ପଟାଙ୍ଗୀ ବ୍ଲକ କୋଟିଆ ଚନ୍ଦକା ବିଦ୍ୟାଳୟ ଠାରେ ଆମେ ଜାଣିବା ଆମେ ଜିଣିବା କାର୍ଯ୍ୟକ୍ରମ ଅନୁଷ୍ଠିତ

ପଟାଙ୍ଗି,(ପି.ଏନ) : କୋରାପୁଟ ଜିଲ୍ଲାର ପଟାଙ୍ଗୀ ବ୍ଲକର କୋଟିଆ, ଚନ୍ଦକା , ଗୁଗାଗୁଡା ବିଦ୍ୟାଳୟ ଠାରେ 'ଆମେ ଜାଣିବା ଆମେ ଜିଣିବା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୋରାପୁଟ ଜିଲ୍ଲା ପଟାଙ୍ଗି ବ୍ଲକ ଅନ୍ତର୍ଗତ ବିବାଦୀୟ କୋଟିଆ ପଞ୍ଚାୟତର କୋଟିଆ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ଆମେ ଜାଣିବା ଆମେ ଜିଣିବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଥିଲେ ।ଜିଲ୍ଲା ମଙ୍ଗଳ ବିଭାଗ ଅଧିକାରୀ ସୁନିଲ୍ କୁମାର୍ ତାଣ୍ଡି ସମ୍ମାନିତ ଅତିଥି ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁକାନ୍ତ କୁମାର ପଟ୍ଟନାୟକ ଉପସ୍ଥିତ ରହିଥିବା ସମସ୍ତ ଛାତ୍ରଛାତ୍ରୀ ଅଭିଭାବକ ମାନଙ୍କୁ ଉତ୍ସାହିତ କରିବା ସହ ସରକାର ଙ୍କ ମୌଳିକ ସୁବିଧା ସୁଯୋଗ ଛାତ୍ର ଛାତ୍ରୀ ମାନଙ୍କ ଉପରେ ଆଲୋଚ଼ନା କରିଥିଲେ ଓ ବ୍ଲକ ଅଧ୍ୟକ୍ଷା ଶ୍ରୀମତୀ କଳ୍ପନା ପାଙ୍ଗି ,ଏଡି ଡାବ୍ଲୁଅ କୋରାପୁଟ ଅର୍ଜୁନ ନାୟକ, ଜିଲ୍ଲା ପରିଷଦ ସଭ୍ୟ ଟିକାଇ ଗେମେଲ, ସ୍ଥାନୀୟ ପ୍ରଧାନ ଶିକ୍ଷୟତ୍ରୀ ସୁଶ୍ମିତା ଉତ୍ରାଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମଟି ହୋଇଥିଲା ଏହି କାର୍ଯ୍ୟକ୍ରମରେ ଥୁରିଆ ପ୍ରଧାନ ଶିକ୍ଷକ କୃପା ପ୍ରସାଦ ଜାନୀ, ମାଷ୍ଟର ଟ୍ରେନର ଆରପି ସୁଧୀର ଗୁଣ୍ଠା, ଏବଂ ବିଭିନ୍ନ ବିଭାଗର କର୍ମଚ଼ାରୀଙ୍କ ଉପସ୍ଥିତ ରହିଥିବା ବେଳେ ଏହି କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ। ସ୍ଥାନୀୟ ଶିକ୍ଷକ ଶିକ୍ଷୟିତ୍ରୀ ଷ୍ଟାଫ୍ ଆସିଥିବା ସମସ୍ତ ଅତିଥି ଏବଂ ଅଭିଭାବକ ମାନଙ୍କୁ ଛାତ୍ର ଛାତ୍ରୀ ମାନଙ୍କୁ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ପ୍ରଧାନ ଶିକ୍ଷୟତ୍ରୀ ସୁଶ୍ମିତା ଉତ୍ରା ,ଏହି କାର୍ଯ୍ୟକ୍ରମ ଚନ୍ଦକା ପଞ୍ଚାୟତ ଗୁଗାଗୁଡାରେ ମଧ୍ୟ ଏହି 'ଆମେ ଜାଣିବା ଆମେ ଜିଣିବା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ପ୍ରଧାନ ଶିକ୍ଷକ ନରେନ୍ଦ୍ର ନାୟକଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗଦେଇଥିବା ସମସ୍ତଙ୍କୁ କୋରାପୁଟିଆ ପରମ୍ପରା ଅନୁଯାୟୀ ସାଂଗତ ସମ୍ବର୍ଦ୍ଧନା କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ ମଙ୍ଗଳ ବିଭାଗ ଅଧିକାରୀ ଅନିଲ୍ କୁମାର ସେଠି ଯୋଗଦେଇଥିବା ବେଳେ ସମ୍ମାନୀତ ଅତିଥି ବ୍ଲକ ସେକ୍ସନ ଅଫିସର ଦୁର୍ଯ୍ୟୋଧନ ସେଠି , ବ୍ଲକ ଡି ଇ ଓ ସନ୍ତୋଷ କୁମାର ଚୌଧୁରୀ,ଲାଉଡି ପ୍ରଧାନ ଶିକ୍ଷକ ବିଶ୍ୱନାଥ ଦିଶାରୀ, ଓ ସମସ୍ତ ବିଭାଗର କର୍ମଚ଼ାରୀ ପ୍ରମୁଖ ଉପସ୍ଥିତ ରହିଥିଲା।ଏହି କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ ସ୍ଥାନୀୟ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଷ୍ଟାଫ୍ ଶେଷରେ ଆସିଥିବା ସମସ୍ତ ଅତିଥି ଅଭିଭାବକ ମାନଙ୍କୁ ଛାତ୍ର ଛାତ୍ରୀ ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ପ୍ରଧାନ ଶିକ୍ଷକ ନରେନ୍ଦ୍ର ନାୟକ । ଅନୁରୂପ ଭାବେ ଏହି କାର୍ଯ୍ୟକ୍ରମ ଆଶ୍ରମ ବିଦ୍ୟାଳୟ ଚନ୍ଦକା ଠାରେ ମଧ୍ୟ ଆମେ ଜାଣିବା ଆମେ ଜିଣିବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ସ୍ଥାନୀୟ ପ୍ରଧାନ ଶିକ୍ଷୟିତ୍ରୀ ସ୍ୱାଗତିକା ଜେନାଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ହୋଇଥିଲା ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ ଜିଲ୍ଲା ଜନମଙ୍ଗଳ ଅଧିକାରୀ ସୁନିଲ୍ କୁମାର ତାଣ୍ଡି ,ଜିଲ୍ଲା ମଙ୍ଗଳ ଅଧିକାରୀ ଅଫିସ କିରାଣୀ ଯୋଗଦେଇ ଆମେ ଜାଣିବା ଆମେ ଜିଣିବା କାର୍ଯ୍ୟକ୍ରମକୁ ଫିତା କାଟି ଶୁଭାରାମ କରିଥିଲେ। ଉପସ୍ଥିତ ରହିଥିଲେ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଛାତ୍ରଛାତ୍ରୀ ଓ ସମସ୍ତ ଛାତ୍ରଛାତ୍ରୀଙ୍କ ଅଭିଭାବକ ମାନେ ଉପସ୍ଥିତ ଥିଲେ ।ଏହି କାର୍ଯ୍ୟକ୍ରମରେ ବ୍ଲକ ମଙ୍ଗଳ ଅଧିକାରୀ ଅନିଲ କୁମାର ସେଠୀ ଏବଂ ଡିଓ ସୋନ୍ତଷ ଚୌଧୁରୀ ପ୍ରମୁଖ ଉପସ୍ଥିତ ରହିଥିଲେ, ଆସି ଥିବା ସମସ୍ତ ଅଭିଭାବକ ଛାତ୍ରଛାତ୍ରୀ ଅତିଥି ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ପ୍ରଧାନ ଶିକ୍ଷୟିତ୍ରୀ ସ୍ୱାଗତିକା ଜେନା, ଏହି କାର୍ଯ୍ୟକ୍ରମ ମଧ୍ୟ ଚନ୍ଦକା ବାର୍ଜ ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ ଠାରେ ଆମେ ଜାଣିବା ଆମେ ଜିଣିବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ ବ୍ଲକ ମଙ୍ଗଳ ବିଭାଗ ଅଧିକାରୀ ଅନିଲ କୁମାର ସେଠୀ ,ବ୍ଲକର ଡି ଇ ଓ ସୋନ୍ତଷୋ କୁମାର ଚୌଧୁରୀ ପ୍ରମୁଖ ଉପସ୍ଥିତ ରହିଥିବା ବେଳେ ଆସି ଥିବା ଅଭିଭାବକ ମାନଙ୍କୁ ନେଇ ଉତ୍ସାହିତ କରିବା ସହିତ ଶିକ୍ଷାକୁ ଗୁରୁତ୍ୱ ଦେବା ନିମନ୍ତେ ଅଭିଭାଷଣ ସହ ସହଯୋଗ କରିଥିଲେ, ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଷ୍ଟାପ୍ ଆସିଥିବା ସମସ୍ତ ଅତିଥି ଅଭିଭାବକ ଛାତ୍ରଛାତ୍ରୀ ଓ ନିଜ ସମସ୍ତ ଷ୍ଟାପକୁ ଶେଷରେ ପ୍ରଧାନ ଶିକ୍ଷୟିତ୍ରୀ ମିନତୀ ଖରା ଧନ୍ୟବାଦ ଅର୍ପଣ କରିଥିଲେ ।




Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751010 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray